ସାପ୍ତାହିକ ସ୍ୱୀକାର

Postal Regd. No.: SBP/RN-01/2022-2024

The Sweekar स्वीकार

www.sweekarweekly.com

ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା

RNI No. 66443/94

Vol.27 | Issue - 35 | 27 August - 2 September 2023 | Sambalpur | Page- 8 | Invitation Price Rs.10


# ମାନବ ସମାଜ ଥିବା ପର୍ଯ୍ୟନ୍ତ କଳା ବଞ୍ଚି ରହିବ














ସମ୍ବଲପୁର : କଳାର ମୃତ୍ୟୁ ନାହିଁ । ମାନବ ସମାଜ ଯେତେଦିନ ପର୍ଯ୍ୟନ୍ତ ଥିବ ସେତେଦିନ ପର୍ଯ୍ୟନ୍ତ କଳା ବଞ୍ଚି ରହିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ସ୍ଥାନୀୟ ତପସ୍ୱିନୀ ହଲଠାରେ ଆୟୋଜିତ 'ଲୋକକଳା ମହୋତ୍ସବ'କୁ ଉଦ୍‌ଘାଟନ କରି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାଶ ମହାପାତ୍ର କହିଥିଲେ ଯେ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଫଳରେ କଳାପ୍ରତି ଲୋକଙ୍କ ରୁଚି ବଦଳି ଯାଉଥିବାରୁ ଏହାର ଆଦୃତି ମଧ ଦୃତ ଗତିରେ ହ୍ରାସ ପାଉଛି । ତେବେ ଏହା ଯେପରି ବଞ୍ଚି ରହିବ ସେଥିପାଇଁ ସବୁ ଦିଗରୁ ଉଦ୍ୟମ ହେବା ଆବଶ୍ୟକ । କଳାର ମୌଳିକତା କ୍ଷୁର୍ଣ୍ଣ ନ ହୋଇ ସେଥିରେ ଅଶ୍ଳୀଳତା ସ୍ଥାନ ପାଇବା ଉଚିତ ନୁହେଁ ବୋଲି ସେ କହିଥିଲେ ।

ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଉପାଧକ୍ଷ ପ୍ରଫେସର କାମଦେବ ସାହୁ ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଆତ୍ମା ହେଉଛି ଲୋକକଳା । ଏହା ଆମର ଅସ୍ମିତାର ପରିଚୟ । ଏହାକୁ ଲୋକପ୍ରିୟ କରିବା ପାଇଁ ସମସ୍ତେ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ ।

## ସାପ୍ତାହିକ 'ସ୍ୱୀକାର' ପକ୍ଷରୁ 'ଲୋକକଳା ମହୋତ୍ସବ'

ବିଶିଷ୍ଟ କଣ୍ଠଶିଳ୍ପୀ ବିଭୂତି ଭୂଷଣ ପଟ୍ଟନାୟକ ଏଥିରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ଲୋକ କଳାର ସ୍ୱାତନ୍ତ୍ର୍ୟତା ଉପରେ ଆଲୋଚନା କରି ତାଙ୍କର ଲୋକପ୍ରିୟ ସଂଗୀତ 'ଲେ ଲେ ଲେ ବଉଲ...' ଗାଇଥିଲେ ।

ବିଶିଷ୍ଟ ଶିକ୍ଷାବିତ ଶ୍ରୀ ଅରବିନ୍ଦ ମହାପାତ୍ର ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରି କହିଥିଲେ ଯେ, କଳାର ମୃତ୍ୟୁ ନାହିଁ । ଏହା ସବୁଦିନ ପାଇଁ ବଞ୍ଚି ରହିବ ।

ଶ୍ରୀ ତର୍ପଣ ପ୍ରଧାନ ଏବଂ ଦିବ୍ୟାନି ଚଇନିଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବ ଆରମ୍ଭରେ ପତ୍ରିକାର ସଂପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ଡକ୍ଟର ଶ୍ୟାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହାପରେ ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକର ବରଧରା ଗ୍ରାମର ଶ୍ରୀ ରାଧାକୃଷ୍ଣ ମଣ୍ଡଳୀ ସଂପର୍ଦ୍ଦା, ବରିଷ୍ଠ ସଂଚାର ଗାୟକ ଅଲେଖ ସାହୁ, ଦୁଃଖିନାଶନ ବେହେରା ଏବଂ ବାସୁଦେବ ବାରିକ ଏବଂ ତାଙ୍କ ଦଳ ସଂଚାର, ରାଧେଶ୍ୟାମ ପଣ୍ଡା ଏବଂ ଇନ୍ଦ୍ରାଣୀ ପଟେଲଙ୍କ ଦଳ ପାଲା, ସୁବର୍ଣ୍ଣପୁର ଜିଲ୍ଲାର ସର୍ଗୁଲ ଗ୍ରାମର କଳାକାରମାନେ କୀର୍ତ୍ତନ, ଝାରସୁଗୁଡ଼ା ଜିଲ୍ଲା ସାହାସବଗାର ଗୌର ଖମାରୀ ଦାସକାଠିଆ ଓ ବରଗଡ଼ ଜିଲ୍ଲା କୁସନପୁରୀର ନବୀନ ଭୋଇ କରମସାନି ପରିବେଷଣ କରିଥିଲେ । ସୁଶ୍ରୀ ସାଂସ୍କୃତିକା ପୁରୋହିତ ଓ ଅମୃତ ସାଗର ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି ମହୋତ୍ସବରେ କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ତିନିଶହ କଳାକାର ଯୋଗ ଦେଇଥିଲେ ।
















## ଏ ସଂଖ୍ୟାରେ..




ସମ୍ବନ୍ଧରେ ମଧୁରତା ଆଣେ ରକ୍ଷା ବନ୍ଧନ ପର୍ବ



ସ୍ୱାସ୍ଥ୍ୟୋପୋକାରୀ ପିଆଜ



ପୋଇ ଶାଗର ଲାଭ



ଲାଭକାରୀ କଦଳୀ ଭଣ୍ଡା



ନଡ଼ିଆ ଖାଇ ସୁସ୍ଥ ରହନ୍ତୁ



ସେଓର ଉପକାରିତା

## ନିର୍ମାଣର ବର୍ଷେ ନ ପୁରୁଣୁ ଭୁଷୁଡ଼ି ପଡ଼ିଲା ପାଚେରୀ

ସୁବର୍ଣ୍ଣପୁର: ୨ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ମାର୍କେଟ ୟାର୍ଡ ବର୍ଷେ ନ ପୁରୁଣୁ ସେଠାକାର ପାଚେରୀ ଭୁଷୁଡ଼ି ପଡ଼ିଛି । ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହି ପାଚେରୀ ଭୁଷୁଡ଼ି ପଡ଼ିଥିବା ଅଭିଯୋଗ ହେଉଛି । ଚାଷୀଙ୍କ ସୁବିଧା ପାଇଁ ୮ ମାସ ତଳେ ବିନିକା ଜଇଁତରା ଗାଁରେ ୨ କୋଟି ୯୧ ଲକ୍ଷ ଟଙ୍କାରେ ନିୟନ୍ତ୍ରିତ ବଜାର କମିଟିର ପାଚେରୀ ନିର୍ମିତ ହୋଇଥିଲା । ହେଲେ ଉଦ୍‌ଘାଟନର ମାତ୍ର ୮ ମାସ ଭିତରେ ତାହା ଭାଙ୍ଗି ଯାଇଛି ।

## ଝାରସୁଗୁଡ଼ାରେ ସାଇକ୍ଲୋଥନ-୩

ଝାରସୁଗୁଡ଼ା : ଜାତୀୟ କ୍ରୀଡ଼ା ଦିବସର ଅବ୍ୟବହିତ ପୂର୍ବରୁ ଝାରସୁଗୁଡ଼ା ଠାରେ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ବିରାଟ ସାଇକ୍ଲୋଥନର ଆୟୋଜନ କରାଯାଇଥିଲା । ଏଥିନେଇ ସହରାଞ୍ଚଳର ବିଦ୍ୟାଳୟ ଗୁଡ଼ିକର ପ୍ରାୟ ୧୪ ଶହ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ୨୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଇକେଲ ଚଳାଇ ସହରର ମନମୋହନ ସ୍କୁଲ ପଡ଼ିଆରୁ ପୁରୁଣା ବସଷ୍ଟାଣ୍ଡ ଛକ ଦେଇ ମନମୋହନ ସ୍କୁଲ ପର୍ଯ୍ୟନ୍ତ ପରିକ୍ରମା କରିଥିଲେ । ସମସ୍ତ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ମାନଙ୍କୁ



ମାନପତ୍ର ଏବଂ ଟି-ସାର୍ଟ ପ୍ରଦାନ କରାଯାଇଥିଲା । ଏଥିସହ ପ୍ରତ୍ୟେକ ସ୍କୁଲର ଶ୍ରେଷ୍ଠ(ଟପର) ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ବିଧାୟିକା ଦୀପାଳି ଦାସ ମନମୋହନ ସ୍କୁଲ ପଡ଼ିଆ ଠାରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିଥିଲେ । ଝାରସୁଗୁଡ଼ା ଶାଖାର ସଭାପତି ଆକାଶ ଅଗ୍ରୱାଲ, ସଂପାଦକ ହର୍ଷ କେଡ଼ିଆ, କୋଷାଧକ୍ଷ ଅରୁଣ ଶର୍ମା, ପ୍ରୋଜେକ୍ଟ କନଭେନର ମନୀଷ ମୋର, ଶୁଭମ ଜାଲାନ, ଅଙ୍କିତ ଶାହ, ଅତୀକ ପୋଦ୍ଦାର, ଗୋରଭ ମଲାନୀ, ଆଶୁତୋଷ ମୋଦି, ଅମନ ଟିବ୍ରୱାଲ ପ୍ରମୁଖ ଏହାର ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ଜାତୀୟ କ୍ରୀଡ଼ା ଦିବସ ପାଇଁ ସାଇକ୍ଲୋଥନ୍

ସମ୍ବଲପୁର : ଜାତୀୟ କ୍ରୀଡା ଦିବସ ପାଇଁ ସମ୍ବଲପୁର ସହରର ମାରୱାଡ଼ି ଯୁବାମଞ୍ଚ ଓ ଶକ୍ତିଶାଖା ପକ୍ଷରୁ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ସାଇକ୍ଲୋଥନ ୩.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମକୁ ସିଆରପିଏଫର ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ସୁଶାନ୍ତ ସାହୁଙ୍କ ଉପସ୍ଥିତିରେ ମାରୱାଡ଼ି ଯୁବାମଞ୍ଚ, ସମ୍ବଲପୁରର ସଭାପତି ଅମିତ ଅଗ୍ରୱାଲ, ବିଶିଷ୍ଟ ଆଇନଜୀବୀ ଡକ୍ଟର ପ୍ରମୋଦ ରଥ, ସମାଜସେବୀ ଅରୁଣ ପଟ୍ଟାୱାରି, ଅଶୋକ ଜଲାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା । ଏହା ନେଲସନ ମାଣ୍ଡେଲା ଛକଠାରୁ ବାହାରି ସହର ଲକ୍ଷ୍ମୀ ଟକିଜ ଛକ, ଅଇଁଠାପାଲି ଛକ ଦେଇ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପୁଣି ମଣ୍ଡେଲା ଛକଠାରେ ସମାପ୍ତି ହୋଇଥିଲା । ଜାତୀୟ କ୍ରୀଡା ଦିବସ ପାଇଁ ଦେଶରେ ଥିବା ମାରୱାଡ଼ି ଯୁବାମଞ୍ଚର ୮୦୦ଟି ଶାଖାରେ ଏକାସାଙ୍ଗରେ ଏହି ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମ୍ବଲପୁର କାର୍ଯ୍ୟକ୍ରମରେ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ବର୍ତ୍ତମାନ ପରିସ୍ଥିତିରେ ଯୁବସମାଜକୁ ସୁସ୍ଥ ରଖିବାକୁ ଓ କ୍ରୀଡା ପ୍ରତି ମନରେ ଆଗ୍ରହ ସୃଷ୍ଟିକରିବାକୁ ଏହି ଅଭିନବ ପ୍ରୟାସ କରାଯାଉଛି । ସାଇକଲ ଚଳାଇବାକୁ ଜନଜାଗରଣ ସୃଷ୍ଟି ସହ ଇନ୍ଧନ ଓ ଶକ୍ତି ସଂରକ୍ଷଣ ବାର୍ତ୍ତା ସମାଜକୁ ଦେବାକୁ ପ୍ରୟାସ କରାଯାଇଛି । ଏଥିରେ ମାରୱାଡ଼ି ଯୁବାମଞ୍ଚ ସମ୍ବଲପୁର, ଶକ୍ତି ଶାଖା, ବିଭିନ୍ନ ସଂଗଠନ, କ୍ଲବ, ବହୁ ଯୁବ ସମାଜ ଭାଗନେଇଥିଲେ । ପରେ ଏହି ସାଇକ୍ଲୋଥନର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବିଧାୟିକାଙ୍କ ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ

ଝାରସୁଗୁଡ଼ା : ବିଧାୟିକା ଅଳକା ମହାନ୍ତି ବ୍ରଜରାଜନଗର ପୌର ପରିଷଦ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିଛନ୍ତି । ୱାର୍ଡ ନମ୍ବର ୫ ଲଜକୁରା ଠାରେ ପୁରୁଣାବନ୍ଧର ପୁନରୁଦ୍ଧାର, ଖଲିଆକାନି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆହାର କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏଥିସହ ୱାର୍ଡନମ୍ବର ୨୧ରେ ଆହାର କେନ୍ଦ୍ର ପାଇଁ ଏକ ରୋଷେଇ ଶାଳା ମଧ ସେ ଉଦ୍‌ଘାଟନ କରିଛନ୍ତି । ମାଁ ମଙ୍ଗଳା ଏସ୍‌ଏଚ୍‌ଜି ଗ୍ରୁପ୍ ସଭାପତି ସ୍ମୃତିରେଖା ସେନାପତି, ସମ୍ପାଦକ ପ୍ରିୟଙ୍କା ସରାଫ, ସୁଜାତା କାରିଗେର, ପନି ମହାରଣା, ଲିଲି ମାଝୀ, ମିତା ମାଝି ପ୍ରମୁଖ ଉପସ୍ଥିତ ଥିଲେ । ରୋଷେଇ ଘରକୁ ମା' ମଙ୍ଗଳା ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ହସ୍ତାନ୍ତର କରାଯାଇଛି । ଏହାପରେ ବିଧାୟିକା ଖଡ଼ିଆପଡା ଠାରେ ଅଙ୍ଗନବାଡି କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ । ପୌରାଧକ୍ଷା ଯଜ୍ଞସେନୀ




ଓରାମ, ଉପାଧକ୍ଷ କୃଷ୍ଣଗୋପାଳ ସିତାନୀ, କାଉନସିଲର ମୀନା ନାଏକ, ନିକିତା ସେଠ, ଚାରୁଲତା ପ୍ରଧାନ, ପ୍ରଭାତି ଗଡ଼ନାୟକ, ମହେଶ ମୁଲି, ରୁଦ୍ରନାରାୟଣ ଭୋଇ, ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ , ଟାଉନ ସଭାପତି ରାଧାକାନ୍ତ ପ୍ରଧାନ, ଟାଉନ ସଭାନେତ୍ରୀ ନଳିନୀ ପ୍ରଧାନ, ଜିଲ୍ଲା ଉପ ସଭାପତି କୁଳମଣି ଦାସ, ପ୍ରବୀଣ ମିଶ୍ର, କ୍ଷୀରୋଦିନୀ ସେନାପତି, ପବିତ୍ର ବିଶି, ରାମନାରାୟଣ ରାଏ, ପୌର ପରିଷଦ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଈଶ୍ୱରଙ୍କ ଶରଣାଗତି

ଥରେ ଜଣେ ସନ୍ଥ ନିଜର ଶିଷ୍ୟମାନଙ୍କ ସହିତ ନଦୀ କୂଳରେ ବୁଲୁ ଥିଲେ । ସେଠାରେ ସେ ଦେଖିଲେ ଯେ ଜଣେ କେଉଟ ଜାଲ ଫିଙ୍ଗି ମାଛ ଧରୁଛି । ସନ୍ଥ ନିଜର ଶିଷ୍ୟମାନଙ୍କ ସହିତ ସେଇ କେଉଟ ପାଖକୁ ଗଲେ । ସେ ଜାଲରେ ପଡ଼ିଥିବା ମାଛମାନଙ୍କୁ ଦେଖିବା ପାଇଁ ଶିଷ୍ୟଗଣଙ୍କୁ କହିଲେ । ସେ କହିଲେ ଯେ ଧ୍ୟାନପୂର୍ବକ ଏଇ ମାଛମାନଙ୍କୁ ଦେଖ । କିଛି ମାଛ ଜାଲରେ ନିଷ୍କ୍ରିୟ, ନିଶ୍ଚଳ ହୋଇ ପଡ଼ିଛନ୍ତି ତ କିଛି ଜାଲରୁ ବାହାରିବାର ଚେଷ୍ଟା କରୁଛନ୍ତି, କିନ୍ତୁ ବାହାରିବାରେ ସଫଳ ହୋଇପାରୁ ନାହାନ୍ତି । କିଛି ମାଛ ଜାଲରୁ ବାହାରି ପଳାଇଯିବାର ଲଗାଏତ ପ୍ରୟାସ କରୁଛନ୍ତି ଏବଂ ଶେଷରେ ବାହାରି ପଳାଇବାରେ ସଫଳ ହେଉଛନ୍ତି ଓ ସ୍ୱାଧିନ ଭାବରେ ବୁଲୁଛନ୍ତି । ନଦୀରେ ଏମିତି ବି କିଛି ମାଛ ଥିଲେ, ଯେଉଁମାନେ ଜାଲରେ ପଡ଼ିଲେ ହିଁ ନାହିଁ ।

ସନ୍ଥ ତାପରେ ନିଜର ଶିଷ୍ୟଙ୍କୁ କହିଲେ- "ଏଇ ଚାରି ପ୍ରକାର ମାଛଙ୍କ ପରି ମନୁଷ୍ୟ ମଧ ଚାରି ପ୍ରକାରର ହୋଇଥାନ୍ତି । ପ୍ରଥମ ପ୍ରକାର ମନୁଷ୍ୟ ସିଏ, ଯିଏ ଇନ୍ଦ୍ରିୟଗୁଡ଼ିକର ଜାଲରେ ଫସି ସାରିଛି ଓ ହାର ମାନିଯାଇଛି । ସେ ସେଥିରୁ ବାହାରିବାର ଚେଷ୍ଟା ବି କରୁ ନାହିଁ । ଦ୍ୱିତୀୟ ପ୍ରକାର ମନୁଷ୍ୟ ସିଏ, ଯିଏ ଇନ୍ଦ୍ରିୟଗୁଡ଼ିକର ଜାଲରେ ତ ପଡ଼ିଛି, କିନ୍ତୁ ସେ ସେଥିରୁ ବାହାରିବାର ଚେଷ୍ଟା କରୁଛି । ସେ ଜାଲରୁ ବାହାରି ପଳାଇବାରେ ସଫଳ ହୋଇପାରୁ ନାହିଁ, ସେକଥା ଅଲଗା । ତୃତୀୟ ପ୍ରକାର ମନୁଷ୍ୟ ସିଏ, ଯିଏ ଇନ୍ଦ୍ରିୟଗୁଡ଼ିକର ଜାଲରେ ଫସିଯାଇଛି ଓ ସେଥିରୁ ମଧ ବାହାରି ଯାଇଛି ଏବଂ ବର୍ତ୍ତମାନ ସେ ନିଜର ସ୍ୱାଧୀନତାର ଆନନ୍ଦ ପାଳନ କରୁଛି । ଚତୁର୍ଥ ମନୁଷ୍ୟ ସିଏ, ଯିଏ ନିଜର ବାସ୍ତବିକ ସ୍ୱରୂପକୁ ଜାଣିଛି ଏବଂ ସେ ମଧ ଏହା ଜାଣିଛି ଯେ ଇନ୍ଦ୍ରିୟଗୁଡ଼ିକର ଜାଲ କେତେ ଭୟାବହ ତଥା ଏଗୁଡ଼ିକର ଆକର୍ଷଣ ଓ ପ୍ରଲୋଭନରୁ କିପରି ରକ୍ଷା ପାଇ ହେବ । ସେ ଏହି ଜାଲରେ କେବେ ପଡ଼େ ହିଁ ନାହିଁ ଏବଂ ସେଥିପାଇଁ ସର୍ବଦା ସ୍ୱାଧୀନ ରହିଥାଏ ।

ପ୍ରକୃତରେ ଏହି ପ୍ରସଙ୍ଗରେ ଶିଷ୍ୟ ଓ ସାଧକମାନଙ୍କ ସକାଶେ ବହୁତ ଗଭୀର ଓ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ରହିଛି, ଯେଉଁ ମନୁଷ୍ୟ ନିଜର ଇନ୍ଦ୍ରିୟ ଗୁଡ଼ିକର ଜାଲରେ ଫସିସାରିଛି ଓ ହାରମାନି ସାରିଛି, ତା' ମନରେ ବିଷୟ-ଭୋଗଗୁଡ଼ିକୁ ପାଇବାର ଘୋର ଲାଳସା ଥାଏ । ସେ ବିଷୟ-ଭୋଗ ଓ ବାସନା ଗୁଡ଼ିକର, ସେଥିରୁ ମିଳୁଥିବା କ୍ଷଣିକ ସୁଖର ସତତ ଚିନ୍ତନ କରିଥାଏ । ସେ ସେଗୁଡ଼ିକୁ ପାଇବାର ଲାଳସାରେ ଏତେ ମାତ୍ରାରେ ବୁଡ଼ି ରହିଥାଏ ଯେ ତାକୁ ସେହି ବିଷୟ- ଭୋଗ ଗୁଡ଼ିକରୁ ମିଳୁଥିବା ସୁଖର କ୍ଷଣଭଙ୍ଗୁରତା ଓ ଦୁଷ୍ପରିଣାମର ଅନୁଭବ ହୋଇ ନ ଥାଏ । ତା'ର ଅଚେତନ ମନରେ ଭରି ରହିଥିବା ଅଶୁଭ, କାମୁକ ଓ ବାସନାମୟ ସଂସ୍କାର ତା' ମନ ଉପରେ ଏତେ ମାତ୍ରାରେ ପ୍ରଭାବଶାଳୀ ହୋଇଥାଏ, ଯଦ୍ୱାରା ସେ ଉଚିତ-ଅନୁଚିତ, ଲାଭ-କ୍ଷତି, ଶୁଭ-ଅଶୁଭ, ନୀତି-ଅନୀତିର ଚିନ୍ତେ ମାତ୍ର ବିଚାର ନ କରି ତାହାକୁ ଯେକୌଣସି ମତେ ପାଇବାକୁ ଲାଳାୟିତ ହୋଇ ଉଠେ । ତା'ର ମନ ତା' ନିୟନ୍ତ୍ରଣରେ ରହିପାରେ ନାହିଁ ।

ଏହିପରି ନିଜ ମନର ପ୍ରରୋଚନାରେ ପଡ଼ି ସେ ଅଶୁଭ ଓ ମନ୍ଦ କର୍ମରେ ଲିପ୍ତ ହୋଇଯାଏ, ପୁଣି ସେ ସେହି ମନ୍ଦ କର୍ମ, ଅଶୁଭ ଓ ପାପପୂର୍ଣ୍ଣ କର୍ମରେ ଏପରି ଭାବରେ ଲିପ୍ତ ହୋଇଯାଏ, ବୁଡ଼ିଯାଏ ଯେ ସେଥିରୁ ଆଉ ବାହାରି ପାରିବା ତା' ପାଇଁ ସମ୍ଭବ ହୋଇପାରେ ନାହିଁ । ଶେଷରେ ସେ ହାର ମାନିଯାଏ ଓ ସେହି ଦୟନୀୟ, ନାରକୀୟ ଓ ଦୀନହୀନ ସ୍ଥିତିରେ ପଡ଼ି ରହିଥାଏ । ସେ ଏଥିରୁ ବାହାରିବାର ଚେଷ୍ଟା ବି କରେ ନାହିଁ । ଏହି ସ୍ଥିତିରୁ ବାହାରି ପାରିବାର ଏକମାତ୍ର ମାର୍ଗ ହେଉଛି ଈଶ୍ୱରଙ୍କ ଶରଣାଗତି । ଭଗବାନ ଭକ୍ତବତ୍ସଳ, ଶରଣାଗତ ବତ୍ସଳ ! ସେ ନିଜର ଆଶ୍ରିତଙ୍କ ଉପରେ, ନିଜର ଭକ୍ତମାନଙ୍କ ଉପରେ ଅପାର କରୁଣା ଓ କୃପା କରିଥାନ୍ତି । ଯଦି ସଚ୍ଚା ମନରେ ପ୍ରଭୁଙ୍କୁ ଆକୁଳ ଭାବରେ ଡକାଯିବ ତ ଆମେ କେବଳ ଇନ୍ଦ୍ରିୟଗୁଡ଼ିକର ଜାଲରୁ, ନିଜର ନାରକୀୟ ଓ ପାପପୂର୍ଣ୍ଣ ମନଃସ୍ଥିତିରୁ ମୁକ୍ତ ହୋଇ ପାରିବା ନାହିଁ, ବରଂ ନିଜର ମନ ଓ ଚିତ୍ତକୁ ଶୁଦ୍ଧ କରି ପବିତ୍ର ଜୀବନଯାପନ କରିବା ସହିତ ଭୌତିକ ଓ ଆଧ୍ୟାତ୍ମିକ ଦୁଇ ପ୍ରକାର ସୁଖକୁ ପ୍ରାପ୍ତ କରି ପାରିବା ।

ଦ୍ୱିତୀୟ ପ୍ରକାର ମନୁଷ୍ୟ ସିଏ, ଯିଏ ଇନ୍ଦ୍ରିୟଗୁଡ଼ିକର ବେଳରେ ପଡ଼ି ସେଗୁଡ଼ିକର ଜାଲରେ ଫସି ସାରିଛି ଏବଂ ସେଥିରୁ ବାହାରିବାର ଚେଷ୍ଟା ବି କରୁଛି, କିନ୍ତୁ ସେ ବାହାରି ପାରିବାରେ ସଫଳ ହୋଇପାରୁ ନାହିଁ । ସେ ଇନ୍ଦ୍ରିୟଗୁଡ଼ିକର ବିଷୟର ଆକର୍ଷଣରେ ଆସି ଫସି ଯାଇଛି, କିନ୍ତୁ ବିଷୟ- ଭୋଗ ଗୁଡ଼ିକୁ ଭୋଗି ଭୋଗି ଥକିଯିବା ପରେ ବି ତାକୁ ତୃପ୍ତି ମିଳିପାରୁ ନାହିଁ । ତାକୁ ତୃପ୍ତି ମିଳିବ ବା କିପରି ? କାରଣ ଭୋଗଗୁଡ଼ିକରୁ କେବେ ସ୍ଥାୟୀ ତୃପ୍ତି ମିଳେ ନାହିଁ । ତେଣୁ ଭୋଗ ଗୁଡ଼ିକର ଇଚ୍ଛା ସର୍ବଦା ଅପୂର୍ଣ୍ଣ ହିଁ ରହିଥାଏ ।

ଏକଥାର କିଛି କିଛି ଅନୁଭବ ତା'ର ହେବାରେ ଲାଗେ । ସେଥିପାଇଁ ସେ ଏହି ସ୍ଥିତିରୁ ବାହାରି ପଳାଇଯିବାକୁ ଚାହିଁଥାଏ, କିନ୍ତୁ ଏହି ଜାଲରୁ ବାହାରିଯିବାର ସଠିକ ମାର୍ଗ ତାକୁ ଜଣା ନାହିଁ । ତେଣୁ ସେ ବାହାରିପାରୁ ନାହିଁ । କିନ୍ତୁ ସେ ସେହି ପ୍ରଥମ ପ୍ରକାର ମନୁଷ୍ୟ ଠାରୁ ଭଲ, ଯିଏ ବାହାରିବାର ପ୍ରୟାସ ହିଁ କରୁ ନାହିଁ । ଫଳସ୍ୱରୂପ ସେହି ପ୍ରଥମ ପ୍ରକାର ମନୁଷ୍ୟ ଅନନ୍ତକାଳ ପର୍ଯ୍ୟନ୍ତ, ଅନନ୍ତ ଜନ୍ମ ପର୍ଯ୍ୟନ୍ତ ନାରକୀୟ ସ୍ଥିତିରେ ପଡ଼ି ରହିବ, ଜନ୍ମ-ମରଣର ଚକ୍ରରେ ପଡ଼ି ରହିବ । ସେହି ନାରକୀୟ ସ୍ଥିତିରୁ ବାହାରି ପଳାଇବାର ଆକାଂକ୍ଷା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ, ଯାହା ଏହି ଦ୍ୱିତୀୟ ପ୍ରକାର ମନୁଷ୍ୟ ମଧରେ ଅଛି । ଏହି ଆକାଂକ୍ଷା ସର୍ବଦା ଲାଗି ରହିବାର ଆବଶ୍ୟକତା ରହିଛି । ସେ ପ୍ରଭୁଙ୍କୁ ବାରମ୍ବାର ପ୍ରାର୍ଥନା କରିଥାଏ ଯେ ପ୍ରଭୁ ମୋ ଉପରେ କୃପା କର । କରୁଣାସିନ୍ଧୁ ପ୍ରଭୁ ତା' ଉପରେ କରୁଣା ଅବଶ୍ୟ କରିବେ । ଧୀରେ ଧୀରେ ତା'ର ସଂକଳ୍ପ ମଜଭୁତ ହୋଇ ଚାଲିବ । ସେ ପ୍ରଭୁକୃପାରୁ ସେହି ସ୍ଥିତିରୁ ବାହାରିଯିବ; କାରଣ ପ୍ରଭୁ ମଧ, ଭଗବାନ ମଧ ତାକୁ ସାହାଯ୍ୟ କରନ୍ତି, ଯିଏ ପ୍ରଥମେ ନିଜେ ନିଜକୁ ସାହାଯ୍ୟ କରିଥାଏ । ତୃତୀୟ ପ୍ରକାର ମନୁଷ୍ୟ, ପ୍ରଥମ ଓ ଦ୍ୱିତୀୟ ପ୍ରକାର ମନୁଷ୍ୟ ଠାରୁ ଉତ୍ତମ, ଯିଏ ଇନ୍ଦ୍ରିୟଗୁଡ଼ିକର ଜାଲରେ ଫସିଲା ଓ ବାହାରିଗଲା ।

ବେଳେ ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ତପ, ସାଧନା କରିନେବା ପରେ ବି ଅଚେତନରେ ଅବଶେଷ ରହିଯାଏ । କାମ ବାସନାର ସଂସ୍କାର ସମୟ ଆସିଲେ ସକ୍ରିୟ ହୋଇଯାଏ, କାରଣ ବର୍ତ୍ତମାନ ସୁଦ୍ଧା ତାହାର ସମୂଳ, ସବୀଜ ନାଶ ହୋଇ ନାହିଁ । ତେଣୁକରି ତାହାର ପ୍ରଭାବରେ ପଡ଼ି ସାଧକ କେବେ କେବେ ବିଚଳିତ ହୋଇଯାଏ, କିନ୍ତୁ ଅନବରତ ସାଧନା କରୁଥିବା କାରଣରୁ ତା'ର ଚିରଶୁଦ୍ଧି ହେବାରେ ଲାଗେ, ତା'ର ସଂକଳ୍ପ ବଳ ଜାଗ୍ରତ ହୁଏ, ସେଥିପାଇଁ ସେ ଇନ୍ଦ୍ରିୟଗୁଡ଼ିକର ଜାଲରେ କିଛି ସମୟ ପାଇଁ ଫସିଯିବା ପରେ ପୁଣି ବାହାରି ପାରିବାରେ ସଫଳ ହୋଇଯାଏ । ଇନ୍ଦ୍ରିୟଗୁଡ଼ିକର ଊର୍ଦ୍ଧ୍ୱକୁ ଯାଇ ତାକୁ ଯେଉଁ ଇନ୍ଦ୍ରିୟାତୀତ ଆନନ୍ଦର ଅନୁଭୂତି ମିଳେ, ସେହି କାରଣରୁ ସେ ପୂର୍ବ ଭଳି ସାଧାରଣ ମନୁଷ୍ୟଙ୍କ ପରି ଇନ୍ଦ୍ରିୟଗୁଡ଼ିକର ବିଷୟର ପ୍ରଲୋଭନ, ଆକର୍ଷଣ ଓ କ୍ଷଣିକ ସୁଖର ଜାଲରେ ଫସିଯାଏ ନାହିଁ । ଚତୁର୍ଥ ପ୍ରକାର ମନୁଷ୍ୟ ସବୁଠାରୁ ଉତ୍ତମ ଶ୍ରେଣୀର, ଯିଏ ଇନ୍ଦ୍ରିୟ ଗୁଡ଼ିକର ଜାଲରେ, ଆକର୍ଷଣରେ କେବେ ଫସି ନ ଥାନ୍ତି ।

ଏହା ପଛରେ ତା' ଦ୍ୱାରା କରାଯାଉଥିବା ଦୀର୍ଘକାଳୀନ ଆଧ୍ୟାତ୍ମିକ ସାଧନା, ଭଗବଦ୍ ଭକ୍ତି, ସ୍ୱାଧ୍ୟାୟ ଓ ନର ରୂପରେ କରାଯାଉଥିବା ନାରାୟଣଙ୍କ ସଚ୍ଚା ସେବା ରହିଥାଏ । ତା'ର ଚିତ୍ତ ସଂସ୍କାର ଶୂନ୍ୟ ହୋଇଥାଏ । ସେ ନିର୍ମଳ, ନିର୍ବୋଧ, ନିଷ୍କାମ, ନିର୍ବିକାର, ହୋଇଥାଏ । ତା' ହୃଦୟରେ ପରବ୍ରହ୍ମ ସତତ ଜାଗ୍ରତ ଓ ଜୀବନ୍ତ ଥାଆନ୍ତି । ତା'ର ସତତ ନିତ୍ୟ-ଅନିତ୍ୟର ଜ୍ଞାନ ଥାଏ ।

ଭୌତିକ ସୁଖଗୁଡ଼ିକର କ୍ଷଣଭଙ୍ଗୁରତା ଓ ଭଗବଦ୍ ଭକ୍ତିରୁ ମିଳୁଥିବା ଶାଶ୍ୱତ ସୁଖର ଅନୁଭବ ତା'ର ଥାଏ । ତାକୁ କେବଳ ନିଜର ବାସ୍ତବିକ ସ୍ୱରୂପର ବୋଧ ହୋଇ ନ ଥାଏ, ବରଂ ସେ ପ୍ରତିକ୍ଷଣ ନିଜର ସତ୍-ଚିତ୍-ଆନନ୍ଦ ସ୍ୱରୂପରେ ସ୍ଥିତ ଥାଏ । ତେଣୁକରି ସେ ମୁକ୍ତ, ଉନ୍ମୁକ୍ତ, ନିର୍ଦ୍ୱନ୍ଦ୍ୱ, ମସ୍ତ, ମଗ୍ନ, ଧ୍ୟାନମଗ୍ନ, ଆନନ୍ଦମଗ୍ନ ରହିଥାଏ । ସେ ବିଷୟଗୁଡ଼ିକର ଆକର୍ଷଣରୁ ଉପରେ, ବହୁତ ଉପରେ ଥାଏ । ସେ ଦେହ, ବୁଦ୍ଧି, ମନ, ଇନ୍ଦ୍ରିୟ ସବୁର ଊର୍ଦ୍ଧ୍ୱରେ ଥାଏ । ତା'ର ଆତ୍ମାକୁ ପରମାତ୍ମାଙ୍କର ସତତ ସାନ୍ନିଧ-ସଂସ୍ପର୍ଶ ପ୍ରାପ୍ତ ହୋଇଥାଏ । ପ୍ରତି ମୁହୂର୍ତ୍ତରେ ପରମ ଆନନ୍ଦର ଅନୁଭୂତି ପାଇବା ପାଇଁ ଆମେ ମଧ ଚତୁର୍ଥ ପ୍ରକାରର ସର୍ବୋତ୍ତମ ମନୁଷ୍ୟ ରୂପରେ ଜୀବନଯାପନ କରିବାର ଆବଶ୍ୟକତା ରହିଛି ।

# ଅଧ୍ୟାତ୍ମ ସାଧିତ ହୁଏ ଯୋଗ ଓ ତପଦ୍ୱାରା

ସମ୍ପତ୍ତି ନୁହେଁ, ବିଭୂତି ଦ୍ୱାରା ମଣିଷ ସୁଖୀ-ସମୁନ୍ନତ ହୋଇଥାଏ । ଗୁଣ, କର୍ମ, ସ୍ୱଭାବକୁ ଉଚ୍ଚସ୍ତରୀୟ ତଥା କର୍ତ୍ତବ୍ୟକୁ ଆଦର୍ଶବାଦୀ ନ ବନାଇବା ପର୍ଯ୍ୟନ୍ତ ଆତ୍ମିକ ଉତ୍କର୍ଷର କଥା ତ ଦୂର, ପ୍ରଚୁର ସମ୍ପତ୍ତି ପ୍ରାପ୍ତ କରିନେଲେ ମଧ ଶାନ୍ତିରେ ରହିପାରିବ ନାହିଁ । ଅନ୍ତର୍ଚେତନା ଉନ୍ନତ ନ ହେବାଯାଏ କୁବେର ସମାନ ଧନୀ ଏବଂ ଇନ୍ଦ୍ର ସମାନ ସମର୍ଥ ହୋଇଥିଲେ ମଧ ଅସନ୍ତୋଷ ଓ ବିକ୍ଷୋଭର ନିଆଁ ଲିଭିବ ନାହିଁ । ଏଣୁ 'ଆତ୍ମିକ ଉତ୍କର୍ଷ'କୁ ମଣିଷର ସର୍ବୋପରି ସମ୍ପଦ ଓ ସଫଳତା ଜାଣିବା ଦରକାର । ଏହି ସଫଳତାକୁ ପ୍ରାପ୍ତ କରିଥିବା ବ୍ୟକ୍ତି ବଡ଼ ନ ହେଲେ ବି ମହାନ ଅବଶ୍ୟ ହୋଇଥାଏ । ଏହି ମହାନତା ମଣିଷକୁ ଦେବତା ତୁଲ୍ୟ ବନାଇଥାଏ । ତା' ପାଖରେ ଭୌତିକ ସାଧନ ଅଳ୍ପ ହେଲେ ମଧ ସଂଗୃହୀତ ଆତ୍ମିକ ପୁଞ୍ଜି କାରଣରୁ ତାକୁ ନଶ୍ୱର ଧନ ସମ୍ପତ୍ତି ଅପେକ୍ଷା ଅଧିକ ହର୍ଷୋଲ୍ଲାସ, ଗୌରବ ଓ ବର୍ଚ୍ଚସ୍ୱ ପ୍ରାପ୍ତ ହୋଇଥାଏ । ଏପରି ବ୍ୟକ୍ତି ଯେଉଁଠାରେ ବାସକରେ, ସେଠାରେ ସ୍ୱର୍ଗୀୟ ପରିବେଶ ନିର୍ମିତ କରିଦିଏ । ତା'ର ଭିତରର ସୁଗନ୍ଧ ଚନ୍ଦନପରି ଚୌଦିଗରେ ପ୍ରସାରିତ ହୋଇଥାଏ ଓ ସମୀପବର୍ତ୍ତୀ ଲୋକଙ୍କୁ ମଧ ସୁଗନ୍ଧିତ କରିଥାଏ ।

ମଣିଷଠାରେ ଦେବତ୍ୱର ଉଦୟ କୌଣସି କଳ୍ପନା ନୁହେଁ । ସ୍ୱୟଂ ପ୍ରକାଶିତ ଓ ସମୀପବର୍ତ୍ତୀ କ୍ଷେତ୍ରକୁ ପ୍ରକାଶିତ କରୁଥିବା ବ୍ୟକ୍ତି ପ୍ରକୃତରେ ଦେବତା । ତାକୁ କୌଣସି ଦେବ ଲୋକକୁ ଯିବାର ଆବଶ୍ୟକତା ନାହିଁ, ସେ ଯେଉଁଠାରେ ରହେ, ସେଠାରେ ଦେବଲୋକପରି ପରିବେଶ ନିର୍ମିତ ହୋଇଯାଏ । ଅଧ୍ୟାତ୍ମ କାହାକୁ ସ୍ୱର୍ଗ ପଠାଏ ନାହିଁ, ବରଂ ସାଧକକୁ କୌଣସିଠାରେ ବି ସ୍ୱର୍ଗ ସୃଜନ କରିବାରେ ସକ୍ଷମ ବନାଇଥାଏ ।

ଆମେ ଅଧ୍ୟାତ୍ମର ଗରିମାକୁ ବୁଝିବା କଥା ଓ ତାକୁ ପ୍ରାପ୍ତ କରିବାପାଇଁ ଧନ, ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦିଠାରୁ ମଧ ଅଧିକ ଧ୍ୟାନ ଦେବା କଥା । ଶାରୀରିକ ବାସନା ଓ ମାନସିକ ତୃଷ୍ଣା ସଦା ନିଜର ପୂର୍ତ୍ତିହେତୁ ବ୍ୟାକୁଳ କରିଥାଏ । ଏଥିପାଇଁ ଆମର ସବୁତକ ସମୟ, ଶ୍ରମ ଓ ମନୋଯୋଗ ଖର୍ଚ୍ଚ ହୋଇଯାଏ ତଥା ଆତ୍ମାର ଭୋକ ଓ ଡାକ ଉପେକ୍ଷିତ ରହିଯାଏ । ଆତ୍ମା କ୍ଷୁଧାର୍ତ୍ତ ରହିଲେ କେତେ ହାନି ହୋଇଥାଏ, ତାହା ବାସନା ତୃଷ୍ଣାର ଗୋଲାମ ନରକୀଟ କେବେ ବୁଝିପାରେ ନାହିଁ । ଏହି ଦୃଷ୍ଟି ଓ ଦିଶା ବଦଳିବା ଦରକାର ।

ମଣିଷର ଦୃଷ୍ଟି ଓ ଦିଶା ଯେଉଁ ଆଧାରରେ ବଦଳିଥାଏ, ତା'ର ନାମ ହେଉଛି ଅଧ୍ୟାତ୍ମ । ମଣିଷ ସୁଖ, ଶାନ୍ତି, ସଫଳତା ଓ ସମୁନ୍ନତି ପାଇଁ ବାହ୍ୟ ପ୍ରୟାସରେ ଲାଗି ରହିଥାଏ । ଏହା ଆବଶ୍ୟକ, କିନ୍ତୁ ସବୁକିଛି ନୁହେଁ । ଅଧ୍ୟାତ୍ମ ହିଁ ମଣିଷକୁ ପ୍ରକୃତ ସ୍ଥିତି ସହିତ ସାକ୍ଷାତ କରାଇଥାଏ ଯେ, ସୁଖ-ସମୁନ୍ନତିର କେନ୍ଦ୍ର ନିଜ ଭିତରେ ଅଛି । ମଣିଷ ସେଠାକୁ ପହଞ୍ଚି ଓ ଆତ୍ମିକ ଉତ୍କର୍ଷର ମାର୍ଗ ଅବଲମ୍ବନ କରି ମହାନତା, ଦେବତ୍ୱ ଓ ଈଶ୍ୱରୀୟ ସାମର୍ଥ୍ୟ ସହିତ ସମ୍ବନ୍ଧ ଯୋଡ଼ିପାରେ ।

ଦେଖିବାକୁ ଗଲେ ସମଗ୍ର ଅଧ୍ୟାତ୍ମ ଗାୟତ୍ରୀର ହିଁ ବିସ୍ତାର । ଅଧ୍ୟାତ୍ମ ଦର୍ଶନର ଆଦିଗ୍ରନ୍ଥ ହେଉଛି ବେଦ ଓ ବେଦର ମୂଳ ହେଉଛି ଗାୟତ୍ରୀ ମନ୍ତ୍ର । ଗାୟତ୍ରୀରେ ସେହି ସମସ୍ତ ତତ୍ତ୍ୱ ନିହିତ, ଯାହାର ଅବଲମ୍ବନ ନେଇ ବ୍ୟକ୍ତି ମହାନ ହୋଇପାରେ ଓ ଦେବତାଙ୍କ ସ୍ତରକୁ ପ୍ରାପ୍ତ କରିପାରେ ।

ଗାୟତ୍ରୀର ଏକମୁଖୀ ଚିତ୍ରରେ ଦୁଇଟି ଭୁଜ ଚିତ୍ରିତ । ଏହି ଦୁଇ ଭୁଜ ଅଧ୍ୟାତ୍ମର ଦୁଇଟି ପକ୍ଷକୁ ସୂଚିତ କରେ । ଏହି ପକ୍ଷକୁ ଗାୟତ୍ରୀର ଦୁଇ ଭୁଜ କୁହାଯାଇପାରେ- ଏକ 'ଯୋଗ', ଅନ୍ୟ 'ତପ' । ଯୋଗର ଅର୍ଥ ହେଉଛି ନିଜର କାମନା, ବାସନା, ଲିପ୍ସା, ତୃଷ୍ଣା ଆଦିକୁ ଈଶ୍ୱରରୂପୀ ସମଷ୍ଟି ସଙ୍ଗେ, ଉତ୍କୃଷ୍ଟ ଆଦର୍ଶବାଦ ସଙ୍ଗେ ଯୋଡ଼ିଦେବା, ବ୍ୟକ୍ତିବାଦକୁ ସମୂହବାଦରେ ପରିବର୍ତ୍ତିତ କରିଦେବା । ତୃଷ୍ଣାର ବିକୃତ ଲୁହାକୁ ସଂଯମ, ଅପରିଗ୍ରହର ଅଗ୍ନିରେ ପାକସିଦ୍ଧକରି ବହୁମୂଲ୍ୟ ଲୌହଭସ୍ମ ବନାଇଦେବା ।

ମନୋକାମନା ପୂରଣ କରିବାପାଇଁ, ତାକୁ ସମାପ୍ତ କିମ୍ବା ପରିଷ୍କୃତ କରିବାପାଇଁ ଅଧ୍ୟାତ୍ମର ଆଶ୍ରୟ ନିଆଯାଏ । ତୃଷ୍ଣା ଅସୀମ । ଜଣେ ବ୍ୟକ୍ତିର କାମନାକୁ ସମସ୍ତ ଦେବତା ମିଶି ବି ପୂରା କରିପାରିବେ ନାହିଁ । ସଂସାରରେ ଯେତିକି ସାମଗ୍ରୀ ରହିଛି, ସେ ସବୁମିଶି ମଧ ଜଣକର କାମନାକୁ ପୂରା କରିବାରେ କମ୍ ପଡ଼ିଯିବ । ଗୋଟିଏ ଇଚ୍ଛା ପୂରଣ ହେଉ ହେଉ ଅସଂଖ୍ୟ ନୂତନ ଇଚ୍ଛା ଜାଗ୍ରତ ହୋଇଯାଏ । ସେସବୁର ପ୍ରାପ୍ତି ହିଁ ନୁହେଁ, ସୁରକ୍ଷା ବି କଷ୍ଟସାଧ୍ୟ । ଏ ସବୁର ପ୍ରପଞ୍ଚ ଏତେ ବଡ଼ ଯେ, ସେଥିରେ ପଡ଼ିଥିବା ବ୍ୟକ୍ତି ଜୀବନଲକ୍ଷ୍ୟ ଦିଗରେ କ'ଣ ବଢ଼ିବ ? ସେ ଦିଗରେ ଭାବିପାରିବା ବି କଠିନ ହୋଇଯାଏ । ଏଣୁ ଆତ୍ମକଲ୍ୟାଣାକାଂକ୍ଷୀ ସଜ୍ଜନ ଏହି ଦୁଇ କାମ କରିବା ଦରକାର । ଏକ ହେଉଛି – ଅଳ୍ପ ସାଧନରେ ସନ୍ତୋଷ କରିବା ତଥା ଅନ୍ୟଟି ହେଉଛି - ଅବଶିଷ୍ଟ ଶକ୍ତିକୁ ସଦ୍‌ଭାବନା ଓ ସତ୍‌ପ୍ରବୃତ୍ତିର ସମ୍ବର୍ଦ୍ଧନରେ ଲଗାଇବା ।

ଅଧ୍ୟାତ୍ମର ପ୍ରତିଫଳ ମନୋକାମନା ପୂର୍ତ୍ତି ନୁହେଁ, ବରଂ ମାନସ କ୍ଷେତ୍ରରେ ଥିବା ଅନାବଶ୍ୟକ ଜଞ୍ଜାଳର ମୂଳୋତ୍ପାଟନ । ଏପରି ଲୋକେ ହିଁ ଆପ୍ତକାମ ପଦବାଚ୍ୟ ହୋଇଥାନ୍ତି । ଏପରି ଲୋକଙ୍କୁ ହିଁ ଦିବ୍ୟତା ବିକଶିତ କରିବାର, ଅନ୍ତରାତ୍ମାକୁ ନିର୍ମଳ କରିବାର ଅବସର ପ୍ରାପ୍ତ ହୁଏ । ଏପରି ଲୋକଙ୍କୁ ହିଁ ନିଜ ଭିତରେ ଈଶ୍ୱରଙ୍କର ଦର୍ଶନ ହୋଇଥାଏ । ଏମାନେ ହିଁ ନିଜ ତଥା ଅନ୍ୟମାନଙ୍କର ହିତ ସାଧନ କରିବାରେ ସମର୍ଥ ହୋଇଥାନ୍ତି ।

ନାଳ ନିଜକୁ ଗଙ୍ଗାରେ ମିଶାଇ ଗଙ୍ଗା ହୋଇଯାଏ । ଭକ୍ତ ନିଜର ସମସ୍ତ ଆକାଂକ୍ଷାକୁ ଈଶ୍ୱରଙ୍କ ଆଦେଶରେ ବିଲୀନକରି ଭଗବାନ ହୁଏ । ଏଥିରେ ସେ ଈଶ୍ୱରଙ୍କୁ ନିଜ ଇଚ୍ଛାନୁସାରେ ନୁହେଁ, ବରଂ ସେ ନିଜେ ଈଶ୍ୱରଙ୍କ ଇଚ୍ଛାନୁସାରେ ନାଚିବାକୁ ଚାହିଁଥାଏ ।

ଅଧ୍ୟାତ୍ମର ଅନ୍ୟ ଧାରା ହେଉଛି 'ତପ' । ତପର ଅର୍ଥ ତପିବା, କଷ୍ଟ ସହିବା । କିଛି ଲୋକେ ଖରାରେ ଠିଆ ହେବା, ଥଣ୍ଡାରେ ଗଧୋଇବା, ବିନା ବସ୍ତ୍ର, ବିନା ପାଦୁକାରେ ରହିବା, ମୌନ ରହିବା, ଅନ୍ନ–ଜଳ ଗ୍ରହଣ ନକରିବା ଆଦି ଶାରୀରିକ କଷ୍ଟ ସହିବାକୁ ତପ ଭାବନ୍ତି ଓ ଏଥରେ ଈଶ୍ୱର ଦ୍ରବିତ ହୋଇ କୃପା କରିବାର ଆଶା କରନ୍ତି । ଏପରି ଭାବିବା ଈଶ୍ୱରଙ୍କଭଳି ମହାନ ଓ ନିୟାମକ ସତ୍ତାଙ୍କ ବିଷୟରେ ନିମ୍ନ ଦୃଷ୍ଟିକୋଣ ଅଟେ । ଶାରୀରିକ କଷ୍ଟ ସହୁଥିବା, ହଠପୂର୍ବକ ଶରୀରକୁ ଜଳାଉଥିବା ଲୋକଙ୍କପ୍ରତି ଈଶ୍ୱରଙ୍କର କାହିଁକି ସହାନୁଭୂତି ହେବ ? ତପ ନାମରେ ଆଜିକାଲି ଏହିପରି ଅନ୍ଧମାନ୍ୟତା ଚାଲୁଛି ।

ତପର ବାସ୍ତବିକ ଅର୍ଥ ହେଉଛି – ସଂସାରରେ ବ୍ୟାପ୍ତ ପୀଡ଼ା – ପତନର ନିବାରଣହେତୁ ନିଜ ସୁଖ-ସାଧନର ଅଧିକରୁ ଅଧିକ ଭାଗ ଉତ୍ସର୍ଗ କରିଦେବ । ଅନ୍ୟର କଷ୍ଟ ନିଜ କାନ୍ଧରେ ଉଠାଇବା, ନିଜର ସୁଖ ଅନ୍ୟମାନଙ୍କୁ ବାଣ୍ଟିଦେବା । ଏହା ସ୍ୱାଭାବିକ ଯେ, ଏପରି ଲୋକେ ଭୌତିକ ଦୃଷ୍ଟିରୁ ଗରିବ ସ୍ତରର ନିର୍ବାହ କରିଥାନ୍ତି, କିନ୍ତୁ ଦୁଃଖ କଷ୍ଟପୀଡ଼ିତ ଅଭାବଗ୍ରସ୍ତଙ୍କପ୍ରତି ଆଦୌ ସହାନୁଭୂତି ନ ରଖୁଥିବା ପାଷାଣ ହୃଦୟ ଧନୀମାନଙ୍କ ଅପେକ୍ଷା ସେମାନେ ବହୁତ ଉତ୍ତମ ହୋଇଥାନ୍ତି । ଯେବେ ସମସ୍ତ ମାନବ ଜାତି ଆମର କୁଟୁମ୍ବ, ତେବେ ଆମର ନିର୍ବାହ ନିଜ ଭାଇମାନଙ୍କପରି ହେବା ଉଚିତ । ଗରିବ ସ୍ଥିତିରେ ରହିଲେ କାହାର ସ୍ୱାସ୍ଥ୍ୟ ଖରାପ ହୁଏ ନାହିଁ, ନା ଅନ୍ୟ ଦିଗରେ ହାନି ହୋଇଥାଏ । ଋଷିମାନଙ୍କ ଜୀବନ ଏହାର ପ୍ରତ୍ୟକ୍ଷ ପ୍ରମାଣ । ଏହା ହିଁ ପ୍ରକୃତ ଅଧ୍ୟାତ୍ମ, ଏହା ହିଁ ଗାୟତ୍ରୀର ତତ୍ତ୍ୱଦର୍ଶନ । ଯେଉଁମାନଙ୍କ ମନରେ ଏପରି ଭାବନା ଉଠୁଛି ଓ ଏ ଦିଗରେ ଆଗକୁ ବଢ଼ିବାର ପ୍ରଯତ୍ନ କରୁଛନ୍ତି, ସେମାନେ ହିଁ ପ୍ରକୃତରେ ଅଧ୍ୟାତ୍ମବାଦୀ ଏବଂ ସଚ୍ଚା ଗାୟତ୍ରୀ ଉପାସକ । ଆଦର୍ଶ ଚର୍ଚ୍ଚାର ଜିନିଷ ନୁହେଁ, ତାକୁ ଜୀବନରେ ଅବଲମ୍ବନ କଲେ ହିଁ କାମ ଚଳେ । ଧ୍ୟାନ ରଖିବାକୁ ହେବ ଯେ, ଅଗଣିତ ବ୍ୟକ୍ତିଗତ ଦୋଷ–ଦୁର୍ଗୁଣକୁ ଅଲଗା ଅଲଗା ବା ଗୋଟି ଗୋଟିକରି ଦୂର କରାଯାଇ ପାରିବ ନାହିଁ ! ରାଣୀ ମହୁମାଛି ଯେଉଁଠାରେ ରହେ, ସେଠାରେ ଅନ୍ୟ ସମସ୍ତ ମହୁମାଛି ଜମା ରହିଥାନ୍ତି । ସଙ୍କୀର୍ଣ୍ଣ ସ୍ୱାର୍ଥପରତାର ରାଣୀମାଛି ଯେପର୍ଯ୍ୟନ୍ତ ଉଡ଼ି ନ ଯାଇଛି, ସେପର୍ଯ୍ୟନ୍ତ ଦୁର୍ଭାବନା ଓ ଦୁଷ୍ପ୍ରବୃତ୍ତିର ମହୁଫେଣା ଯଥାବତ୍ ରହିଥାଏ । ବିଚାର କରିବା ଦରକାର ଯେ, ପେଟ-ପ୍ରଜନନ ଓ ବାସନା-ତୃଷ୍ଣାପାଇଁ ସମଗ୍ର ରୂପରେ ସମର୍ପିତ ଆମ ଜୀବନ କ'ଣ ପରମେଶ୍ୱରଙ୍କପାଇଁ, ଆଦର୍ଶପାଇଁ ନିୟୋଜିତ କରାଯାଇ ପାରିବ ? ସ୍ମରଣୀୟ ଯେ, ସ୍ୱାର୍ଥ ଉପରେ ଯେତିକି ନିୟନ୍ତ୍ରଣ ହୋଇପାରିବ; ସେତିକି ହିଁ ପରମାର୍ଥ ସାଧିତ ହେବ । ନିଜର ଗୁଣ, କର୍ମ ଓ ସ୍ୱଭାବକୁ ଯେତିକି ପରିଷ୍କୃତ କରାଯାଇପାରିବ, ସେତିକି ହିଁ 'ସ୍ୱ' ବିକଶିତ ହେବ । ଏହି ଆଧାତ୍ମିକ ଆସ୍ଥା ବୃଦ୍ଧି କରିପାରିଲେ ନିଜ ପାଖରେ ସେତିକି ବୈଭବ ଦୃଷ୍ଟିଗୋଚର ହେବ, ଯେତିକି ଦେବତା ନିକଟରେ ଥିବାର କଳ୍ପନା କରାଯାଏ ।

## ଆଜିର ଚିନ୍ତନ

ଜୀବନ ତାହାର ସଫଳ ହୋଇଥାଏ, ଯିଏ ଏ ସଂସାରରୁ ବିଦାୟ ନେଲାପରେ ଦୁନିଆ ଦୁଃଖୀ ହୋଇଥାଏ । ଏହି ମରଣଧର୍ମା ସଂସାରରେ ପ୍ରତ୍ୟେକ ବ୍ୟକ୍ତିକୁ ବିଦାୟ ନେବାକୁ ହୁଏ । ଅର୍ଥାତ୍ ତାହାର ଅନ୍ତ ସୁନିଶ୍ଚିତ । ସେଥିପାଇଁ ଏଇ ପୃଥିବୀକୁ ମୃତ୍ୟୁ ଲୋକ କୁହାଯାଏ । ଏହି ମୃତ୍ୟୁ ଲୋକରେ ଯିଏ ଜନ୍ମ ନେଇଥାଏ ସେ ମନୁଷ୍ୟ ହେଉ, ପଶୁପକ୍ଷୀ ହେଉ, ଗଛଲତା ଅର୍ଥାତ୍ ସମ୍ପୂର୍ଣ୍ଣ ଚରାଚର ଜଗତ ନିଜ ନିଜର ସମୟ ପୂରା କରିକି ଏହି ସଂସାରରୁ ବିଦାୟ ନେଇଥାଏ । ନିଜ ସମୟର ତାତ୍ପର୍ଯ୍ୟ ହେଲା କି, ନିଜର କର୍ମ ଅନୁସାରେ ଈଶ୍ୱର ଯେଉଁ ଆୟୁ ନିର୍ଦ୍ଧାରିତ କରିକି ଧରାପୃଷ୍ଠକୁ ପଠେଇଥାନ୍ତି ତାହାକୁ ନିଜର ସମୟ କୁହାଯାଏ । ଏହି ସଂସାରରୁ ବିଦାୟ ନେବାରେ କିଛି ନା' କିଛି ବାହାନା ହୋଇଥାଏ । ତାକୁ ଆମେ ରୋଗ, ଦୁର୍ଘଟଣା, ହୃଦ୍‌ଘାତ ଇତ୍ୟାଦି କିଛି ନାଁ ଦେଇ ପାରିବେ । ଏହାର ଅତିରିକ୍ତ ବେଳେବେଳେ ପ୍ରାକୃତିକ ବିପତ୍ତି ତୋଫାନ, ବନ୍ୟା, ଭୂକମ୍ପ ଆଦି ଜୀବର ମୃତ୍ୟୁର କାରଣ ହୋଇଥାଏ । ଏହି ସଂସାରରେ ଜନ୍ମ ନେଲାପରେ ହିଁ ଜୀବନ ଧୀରେ-ଧୀରେ ମୃତ୍ୟୁ ଆଡ଼କୁ ବଢ଼ିଥାଏ । ତଥାପି ସେ ଏହି ସତ୍ୟରୁ ଅଜଣା ହୋଇ ରହିଥାଏ । ଈଶ୍ୱରଙ୍କୁ ସର୍ବଦା ଡରି ସମାଜର ହିତକାର୍ଯ୍ୟ କରୁଥିବା ମନୁଷ୍ୟ ଖୁସିରେ ଏହି ଦୁନିଆରୁ ବିଦାୟ ନେଉ । ତାହାର ମନରେ କୌଣସି ପ୍ରକାର ପଶ୍ଚାତାପ ଶେଷ ନରହୁ । ତାଙ୍କୁ ଏହି ସନ୍ତୋଷ ରହୁ କି, ସେ ଏହି ସଂସାରରେ ଆସିବାର ଉଦ୍ଦେଶ୍ୟକୁ ଭୁଲିନାହିଁ । ଅପିତୁ ନିଜର ଅନ୍ତିମ ଲକ୍ଷ୍ୟ ଆଡ଼କୁ ନିରନ୍ତର ପାଦ ବଢ଼େଇ ଚାଲୁ । ଆମେ ଏହି କଥାରେ ଅନଭିଜ୍ଞ ନୁହେଁ, ଆମର ଏହି ଶରୀର ନଶ୍ୱର ଅଟେ । ଏହି ଅସାର ସଂସାରରେ ଯେଉଁ ଜୀବ ଜନ୍ମ ନେଇଥାଏ ତାକୁ ନିଜର ପୂର୍ବଜନ୍ମର କର୍ମ ଅନୁସାରେ ମିଳିଥିବା ସମୟ ପୂର୍ଣ୍ଣ କରିକି ଏହି ଦୁନିଆରୁ ବିଦାୟ ନେବାକୁ ହୁଏ । ଏଥିରେ ଜୀବର ଇଚ୍ଛା ଅଥବା ପ୍ରସନ୍ନତାର କୌଣସି ମାନେ ନାହିଁ । ଆମେ ଏହି କଥା ମଧ ଭୁଲିପାରିବା ନାହିଁ ଯେ, ଆମର ଏହି ଶରୀର ଗୋଟିଏ ରଥ ସମାନ, ଯିଏ ଏହି ଶରୀରରେ ବିଦ୍ୟମାନ ଆତ୍ମା ଗୋଟିଏ ସାଧନ ରୂପରେ ମିଳିଥାଏ । ସେଥିରେ ବସିଥିବା ଯାତ୍ରୀ ଆତ୍ମାକୁ ଏହି ସୃଷ୍ଟିର ଯାତ୍ରା କରେଇଥାଏ । ନିଜର ପୂର୍ବଜନ୍ମ କୃତକର୍ମ ଅନୁସାରେ ଈଶ୍ୱର ପ୍ରଦତ୍ତ ଆୟୁ ମୁକ୍ତ କରିବା ପରେ ଏହି ଶରୀରରୂପୀ ଆତ୍ମାକୁ ତାର ଲକ୍ଷ୍ୟ ମୋକ୍ଷ ପର୍ଯ୍ୟନ୍ତ ନେଇଥାଏ । ମନୁଷ୍ୟ ଖାଲି ହାତରେ ଏହି ସଂସାରକୁ ଆସେ ଆଉ ଖାଲି ହାତରେ ଏହି ସଂସାରରୁ ବିଦାୟ ନିଏ ।

# ସମ୍ବନ୍ଧରେ ମଧୁରତା ଆଣେ ରକ୍ଷା ବନ୍ଧନ ପର୍ବ

ମାନବ ନିଜର ଅଭିତ୍ୱ ସହିତ ନିଜର ସୁରକ୍ଷାକୁ ସର୍ବୋପରି ମାନିଛି । ସୁରକ୍ଷାର ପୃଷ୍ଠଭୂମିରେ ସେ ସମ୍ବନ୍ଧଗୁଡ଼ିକର ଉପହାରକୁ ମଧ ଗୁରୁତ୍ୱପୂର୍ଣ୍ଣ ମାନିଛି, ଯାହାର ଆଶ୍ରୟରେ ସେ ଆନନ୍ଦପୂର୍ବକ ଜୀବନ ବିତାଇଥାଏ । ବର୍ଷରେ ଥରେ ପାଳନ କରାଯାଉଥିବା ପର୍ବ, ଉତ୍ସବ ଆମର ମାନବୀୟ ସମ୍ବନ୍ଧଗୁଡ଼ିକୁ ସୁରକ୍ଷିତ କରିଥାଏ । ପ୍ରାଚୀନ ମନୀଷୀଗଣ ଋତୁଗୁଡ଼ିକ ଅନୁସାରେ ମାନବର ସୁରକ୍ଷାର ଆକଳନ କରି ପାରମ୍ପରିକ ରୂପେ ପର୍ବଗୁଡ଼ିକର ତିଥି ପୂର୍ବରୁ ହିଁ ସୁନିଶ୍ଚିତ କରି ଦେଇଥିଲେ । ପ୍ରାଚୀନ କାଳରେ ବ୍ରାହ୍ମଣ ବା ପୁରୋହିତମାନଙ୍କ ସହିତ ରକ୍ଷାସୂତ୍ରର ଏକ ଗଭୀର ସମ୍ବନ୍ଧ ରହିଛି । ବ୍ରାହ୍ମଣ ସିଏ, ଯିଏ ବ୍ରହ୍ମରେ ରମଣ କରିଥାଏ, ଜ୍ଞାନବାନ୍ ହୋଇଥାଏ ଓ ସୁରକ୍ଷାର ଜ୍ଞାନ ବାଣ୍ଟିଥାଏ । ବ୍ରାହ୍ମଣ ଜାତିରେ ନୁହେଁ, କର୍ମରେ ହୋଇଥାଏ ।

ସେତେବେଳେ ପୁରୋହିତ ମାନେ ଶ୍ରାବଣ ମାସରେ ସବୁଜିମା ସୃଷ୍ଟି କରି ଯଜ୍ଞ କରୁଥିଲେ । ଯଅ ଓ ଗହମକୁ ମାଟି ପାତ୍ରରେ ଅଙ୍କୁରିତ କରି ଚାରା ସୃଷ୍ଟି କରିବାର ବିଧାନ ଥିଲା । ସେହି ସବୁଜିମାକୁ ସେମାନେ ରାଜାମାନଙ୍କୁ ସୌଭାଗ୍ୟ ରୂପେ ପ୍ରଦାନ



କରୁଥିଲେ । ରାଜା ମଧ ସେହି ସୌଭାଗ୍ୟକୁ ଆଶୀର୍ବାଦ ରୂପେ ଗ୍ରହଣ କରି ପୁରୋହିତମାନଙ୍କୁ ମୁଦ୍ରା ଦେଇ ସମ୍ମାନପୂର୍ବକ ବିଦାୟ ଦେଉଥିଲେ । ପରିବର୍ତ୍ତିତ ସମୟ ଅନୁସାରେ ପୁରୋହିତ ମାନେ ରକ୍ଷାସୂତ୍ର ସହିତ ଯଜମାନଙ୍କ ମଙ୍ଗଳକାମନା କରିବା ପ୍ରାରମ୍ଭ କରିଦେଲେ । ଭଉଣୀମାନେ ମଧ ନିଜର ସତୀତ୍ୱ ରକ୍ଷା ହେତୁ ଭାଇମାନଙ୍କ ହାତରେ ରାକ୍ଷୀ ରୂପୀ ରକ୍ଷାର ସୂତ୍ର ବାନ୍ଧିବା ପ୍ରାରମ୍ଭ କରିଦେଲେ । ଏହିପରି ପୁରୋହିତମାନଙ୍କ ଉତ୍ସବ ଭାରତର ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଲୋକପ୍ରିୟ ହୋଇଗଲା । ଭାରତୀୟ ଆଧାତ୍ମିକ ମନୋବୃତ୍ତି ପ୍ରକୃତି ସହିତ ସମ୍ବନ୍ଧ ଯୋଡ଼ିଛି । ରକ୍ଷାବନ୍ଧନର ଦିବ୍ୟ ସନ୍ଦେଶ କେଉଁଠି ଆମକୁ ଆପଣା ଲୋକଙ୍କ ସ୍ନେହ ସହିତ ଯୋଡ଼ିଥାଏ ତ କେଉଁଠି ତାହା ଶିକ୍ଷା ଓ ସଂସ୍କୃତିର ଜ୍ଞାନ ବି ଦେଇଥାଏ । ରକ୍ଷାସୂତ୍ରର ବିସ୍ତାର ଆମକୁ ବୁଝାଇଥାଏ ଯେ ମାନବର ମାନବ ସହିତ ପାରସ୍ପରିକ ସୁରକ୍ଷାର ମହତ୍ତ୍ୱପୂର୍ଣ୍ଣ ସମ୍ବନ୍ଧ ରହିଛି । ସେହି ବିସ୍ତୃତ ଭାବନା ରୂପୀ ଲତା ଉପରେ ମାନବତା ଆଜି ମଧ ବିକଶିତ ହେଉଛି । ପାରସ୍ପରିକ ସୌହାର୍ଦ୍ଦ୍ୟର ଅତୁଟ ସଂକଳ୍ପ ଯେଉଁଠି ଭଉଣୀ ଦ୍ୱାରା ଭାଇକୁ ରାକ୍ଷୀ ପଠାଇ ବା ବାନ୍ଧି ଭାଇଚାରା ଓ ବିଶ୍ୱାସକୁ ପ୍ରୋତ୍ସାହିତ କରିଥାଏ ତ ସେଠାରେ ଭଉଣୀମାନଙ୍କ ସୁରକ୍ଷା ସକାଶେ ଭାଇମାନଙ୍କ ଦ୍ୱାରା ମଧ ସଂକଳ୍ପ ନିର୍ବାହର ବୋଧ କରାଇଥାଏ ।

ପାରସ୍ପରିକ ବିଶ୍ୱାସକୁ ପୂର୍ଣ୍ଣ କରୁଥିବା ଶ୍ରାବଣୀ ଉତ୍ସବ ଶ୍ରାବଣର ସବୁଜିମାରେ ଭଉଣୀମାନଙ୍କ ଦ୍ୱାରା ଭାଇମାନଙ୍କୁ ଦିଆଯାଇଥିବା ଆଶୀର୍ବାଦର ପ୍ରଗାଢ଼ ରୂପ, ଯେଉଁଥିରେ ମଙ୍ଗଳକାମନା ସହିତ ଭଉଣୀର ସ୍ନେହ ଲୁଚି ରହିଥାଏ- ସେହି ଭାଇ ଯିଏ ତା'ର ଶୁଭଚିନ୍ତକ, ଯାହା ପାଖରେ ସେ ନିଜର ହୃଦୟ ଖୋଲିପାରେ । ଶ୍ରାବଣ ମାସରେ ସେ ସବୁଜିମାପୂର୍ଣ୍ଣ ବାତାବରଣରେ ନିଜ ବାପଘରକୁ ମନେ ପକାଇଥାଏ ଏବଂ ସେହି ଝୁଲଣାକୁ ନିଜ ସ୍ମୃତିରେ ପୁନଃ ଜୀବିତ କରିଥାଏ, ଯାହା ଉପରେ ତା'ର ଶୈଶବ ବିତିଥିଲା । ଉତ୍ସାହିତ ମନରେ ସେ ନିଜ ଭାଇକୁ ପ୍ରାର୍ଥନା ବି କରିଥାଏ ଯେ ଏଇ ରକ୍ଷାବନ୍ଧନରେ ନିଜ ଭଉଣୀକୁ ବାପଘରକୁ ଡାକିବୁ । ଆମେ ସବୁ ମିଶି ଉତ୍ସବ ପାଳିବା ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

ବର୍ଷ ୨୭, ସଂଖ୍ୟା- ୩୫, ୨୭ ଅଗଷ୍ଟ - ୨ ସେପ୍ଟେମ୍ବର ୨୦୨୩

# ଇତିହାସ ରଚିଲା ଭାରତ

**ଚ**ନ୍ଦ୍ର ପୃଷ୍ଠରେ ନିଜସ୍ୱ କାରୀଗରୀ କୌଶଳରେ ନିର୍ମିତ ମହାକାଶ ଯାନ ଅବତରଣ କରାଇ ଇତିହାସ ରଚିଛି ଭାରତ । ଜୁଲାଇ ୧୪ ତାରିଖରେ ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ କେନ୍ଦ୍ରରୁ ଉତ୍କ୍ଷେପଣ ହୋଇଥିବା ଚନ୍ଦ୍ରଯାନ-୩ ୩ ଲକ୍ଷ ୮୪ ହଜାର ୪୦୦ କିଲୋମିଟର ଅତିକ୍ରମ କରି ଚନ୍ଦ୍ରର ଦକ୍ଷିଣ ଧ୍ରୁବରେ ସଫଳତାର ସହ ଅବତରଣ କରିଥିବା ଇସ୍ରୋ ମୁଖ୍ୟ କେ. ସୋମନାଥ ଘୋଷଣା କରିଛନ୍ତି । ଏହି ଐତିହାସିକ ମିଶନର ସଫଳତା ଉପରେ ପୂରା ଦେଶର ଆଶା ଏବଂ ନଜର ରହିଥିଲା । ଚନ୍ଦ୍ରର ଦକ୍ଷିଣ ଧ୍ରୁବରେ ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଛି । ଏଥିସହ ବିଶ୍ୱର ପ୍ରଥମ ଦେଶ ହିସାବରେ ଭାରତ ଚନ୍ଦ୍ରର ଦକ୍ଷିଣ ଧ୍ରୁବରେ ପହଞ୍ଚି ନୂଆ କିର୍ତ୍ତୀମାନ ରଚିଛି । ୧୪୦ କୋଟି ଦେଶବାସୀଙ୍କ ପ୍ରାର୍ଥନା ଏବଂ ଇସ୍ରୋର ସାଢେ ୧୬ ହଜାର ବୈଜ୍ଞାନିକଙ୍କ ଚାରି ବର୍ଷର ପରିଶ୍ରମ ଶେଷରେ ସଫଳ ହୋଇଛି । ଗତ ୭୦ ବର୍ଷରେ ୧୧୫ଟି ଚନ୍ଦ୍ର ମିଶନ ହୋଇଛି । ସେଥିରୁ ୬୬ଟି ମିଶନକୁ ସଫଳତା ମିଳିଥିବା ବେଳେ ୪୧ଟି ବିଫଳ ହୋଇଛି । ୮ଟି ମିଶନକୁ ଆଂଶିକ ସଫଳତା ମିଳିଛି । ଆମେରିକା, ରୁଷ ଓ ଚୀନ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଛନ୍ତି । ବିଶ୍ୱର ପ୍ରଥମ ଦେଶ ଭାବେ ଭାରତ ଚନ୍ଦ୍ର ପୃଷ୍ଠର ଅନ୍ଧାରିଆ ଅଞ୍ଚଳ କୁହାଯାଉଥିବା ଦକ୍ଷିଣ ଧ୍ରୁବରେ ସଫ୍ଟ ଲ୍ୟାଣ୍ଡିଂ କରିଛି । ଏହା ପୂର୍ବରୁ ରୁଷ ଭାରତର ଏହି ମିଶନକୁ ଚକ୍ମା ଦେବାକୁ ଚାହିଁଥିଲା । ସେ ମଧ ଚନ୍ଦ୍ରର ଦକ୍ଷିଣ ଧ୍ରୁବରେ ଲ୍ୟାଣ୍ଡିଂ କରିବାକୁ ମହାକାଶ ଯାନ ପଠାଇଥିଲା । ହେଲେ ଏହା କ୍ରାସ୍ ହୋଇଯାଇଥିଲା ।


ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ର ପୃଷ୍ଠରେ ଅବତରଣ କରିବା ପରେ ରୋଭର ପ୍ରଜ୍ଞାନ ଚନ୍ଦ୍ରର ରାସାୟନିକ ବିଶ୍ଳେଷଣ କରିବ । ଅବତରଣ କରିବାର ୨୦ ମିନିଟ୍ ପରେ ଲ୍ୟାଣ୍ଡରର ଦ୍ୱାର ଖୋଲିବ, ଯେଉଁଥିରୁ ରୋଭର ପ୍ରଜ୍ଞାନ ବାହାରିବ ।

ଆସନ୍ତା ୧୪ ଦିନ ପର୍ଯ୍ୟନ୍ତ ଚନ୍ଦ୍ରପୃଷ୍ଠରେ ଘୂରି ବୁଲିବ ରୋଭର୍ । ଏହି ସମୟରେ ଇସ୍ରୋ ଆଶା କରୁଥିବା ଚନ୍ଦ୍ରପୃଷ୍ଠର ବିଭିନ୍ନ ସୂଚନା ପଠାଇବ । ଜହ୍ନ ରାଇଜରେ ଜଳର ଅନୁସନ୍ଧାନ ସହ ବାୟୁମଣ୍ଡଳୀୟ ସୂଚନା ମଧ ଦେବ ରୋଭର୍ । ଜହ୍ନରେ ଜଳର ଉପସ୍ଥିତି ଭବିଷ୍ୟତ ଚନ୍ଦ୍ର ମିଶନ୍ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି । ଏଠାରେ ଥିବା ଜଳ ପାନୀୟ ଭାବରେ ବ୍ୟବହାର ହୋଇପାରିବ କି ନାହିଁ, ଏଠାରେ ଅମ୍ଳଜାନ ପ୍ରସ୍ତୁତି କରାଯାଇ ପାରିବ କି ନାହିଁ, ଏଭଳି ବିଭିନ୍ନ ଦିଗ ଉପରେ ଅନୁସନ୍ଧାନ କରିବ ଇସ୍ରୋ । ସେହିପରି ଏହି ସଫଳତା ମଧ ମହାସାଗରର ଉତ୍ପତ୍ତି ବିଷୟରେ ସୂଚନା ଦେଇପାରେ ।

୨୨ ଅକ୍ଟୋବର ୨୦୦୮ରେ ପ୍ରଥମ କରି ମୁନ୍ ମିଶନର ସ୍ୱପ୍ନ ଦେଖିଥିଲା ଇସ୍ରୋ । ମାତ୍ର ସେତେବେଳେ ଯାନ୍ତ୍ରିକ ତ୍ରୁଟି କାରଣରୁ ଅଧାରେ ଅଟକି ଯାଇଥିଲା ଭାରତର ଚନ୍ଦ୍ର ଯାତ୍ରା । ପୁନର୍ବାର ୨୦୧୯ରେ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରଯାନ-୨ ପଠାଇଥିଲା ଇସ୍ରୋ । ଶତ ଚେଷ୍ଟା ପରେ ବି ଅବତରଣ ସମୟରେ ସାମାନ୍ୟ ବିଚ୍ୟୁତିରୁ କ୍ରାସ୍ କରି ଯାଇଥିଲା ଚନ୍ଦ୍ରଯାନ-୨ । ଏଥିପାଇଁ ତୃତୀୟ ଚନ୍ଦ୍ରଯାନ ଉପରେ ବହୁ ଆଶା ରଖିଥିଲା ଇସ୍ରୋ । ଏହା ଉପରେ ବ୍ୟାପକ ପ୍ରସ୍ତୁତି ମଧ କରିଥିଲା । ଜୁଲାଇ ୧୪ରେ ଏଲଭିଏମ-୩ ଯୋଗେ ଚନ୍ଦ୍ରପୃଷ୍ଠକୁ ଯାଇଥିଲା ଚନ୍ଦ୍ରଯାନ-୩ । ଶତୀଶ ଧାୱନ ପରୀକ୍ଷଣ କେନ୍ଦ୍ରରୁ ହୋଇଥିଲା ଉତକ୍ଷେପଣ । ଏହା ପରଠାରୁ ଚନ୍ଦ୍ରଯାନ ଉପରେ ୨୪ ଘଣ୍ଟା ନଜର ରଖିଥିଲା ଇସ୍ରୋ । ଅଗଷ୍ଟ ୫ରେ ଚନ୍ଦ୍ର କକ୍ଷପଥରେ ଚନ୍ଦ୍ରଯାନ-୩କୁ ଅବସ୍ଥାପିତ କରାଯାଇଥିଲା । ଏହାପରେ ଚନ୍ଦ୍ରମା ଦିଗରେ ଯାତ୍ରା ଆରମ୍ଭ କରିଥିଲା ଲ୍ୟାଣ୍ଡର ବିକ୍ରମ । ଆଉ ଶେଷରେ ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରି ଇସ୍ରୋକୁ ସଫଳତା ଭେଟି ଦେଇଛି । ସବୁଠୁ ବଡ଼ କଥା ହେଉଛି କି, ବିଶ୍ୱର କୌଣସି ବି ଦେଶ ଚନ୍ଦ୍ର ଦକ୍ଷିଣ ଧ୍ରୁବରେ ଅବତରଣ କରିନଥିଲେ । ଭାରତ ପ୍ରଥମ କରି ଏଠାରେ ନିଜ ଯାନ ଅବତରଣ କରାଇଛି । ସ୍ପାନିଶ ଷ୍ଟ୍ରିମର ଇବାଇର ୩୪ ଲକ୍ଷ ଭୂଜକୁ ଏହା ଅତିକ୍ରମ କରିଯାଇଥିଲା । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଅଫିସିଆଲ ୟୁଟ୍ୟୁବ ଚାନେଲରେ ୩୬ ଲକ୍ଷ ଲୋକ ଚନ୍ଦ୍ରଯାନ-୩ର ଲାଣ୍ଡିଂ ଲାଇଭ୍ ଷ୍ଟ୍ରିମ ଦେଖିଥିଲେ । ଚନ୍ଦ୍ରଯାନ-୩ ଲାଣ୍ଡିଂର ଲାଇଭକୁ ଅନଲାଇନରେ ୯୧ ଲକ୍ଷ ଲୋକ ଦେଖିଥିବା ଜଣାପଡ଼ିଛି । ଏହା ନିଶ୍ଚିତ ଭାବେ ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ପାଖାପାଖି ୧୯ ମିନିଟ ଧରି ଏହି ଲ୍ୟାଣ୍ଡିଂ ପ୍ରକ୍ରିୟା ଚାଲିବା ପରେ ଧୀରେଧୀରେ ଚନ୍ଦ୍ରଯାନ-୩ର ବିକ୍ରମ ଲ୍ୟାଣ୍ଡର ଅବତରଣ କରିଥିଲା । ଭାରତ ଚନ୍ଦ୍ରରେ ତ୍ରିରଙ୍ଗା ଉଡାଇବା ପରେ ମୋଦୀ ଜୋହାନ୍ସବର୍ଗରେ ମଧ ତ୍ରିରଙ୍ଗା ଉଡାଇଥିଲେ । ଚନ୍ଦ୍ରଯାନ-୩ ଅଭିଯାନର ସଫଳତା ପରେ ଭାରତକୁ ବିଦେଶୀ ଗଣମାଧମ ତରଫରୁ ଉଚ୍ଚ ପ୍ରଶଂସା କରାଯାଇଛି । ବିଦେଶୀ ଗଣମାଧମ ବିବିସି ତରଫରୁ ଦର୍ଶାଯାଇଛି ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାପୂର୍ବକ ଅବତରଣ କରି ଇତିହାସ ସୃଷ୍ଟି କରିଛି । ଦି ଗାର୍ଡିଏନ୍ ତରଫରୁ ଦର୍ଶାଯାଇଛି ଚନ୍ଦ୍ରଯାନ-୩ର ସଫଳତା ଭାରତକୁ ମହାକାଶ ବିଜ୍ଞାନ କ୍ଷେତ୍ରରେ ସୁପର ପାୱାର ଭାବେ ଗଢ଼ି ତୋଳିଛି । ସେହିପରି ସିଏନଏନ ତରଫରୁ ଚନ୍ଦ୍ରଯାନ-୩ର ସଫଳତା ବିଶ୍ୱର ମହାକାଶ ବିଜ୍ଞାନ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଦର୍ଶାଯାଇଛି । ଦି ନ୍ୟୁୟର୍କ ଟାଇମ୍ସ, ଦି ୱାଶିଂଟନ ପୋଷ୍ଟ ଆଦିରେ ଏହି ସଫଳତା ପାଇଁ ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ସତ୍ୟର ସନ୍ଦେଶ

## ମହାତ୍ମା ଗାନ୍ଧୀ



**ସତ୍ୟ...**କ'ଣ ? ଏହା ଏକ କଠିନ ପ୍ରଶ୍ନ; ମାତ୍ର, ତୁମ ଭିତରର ବାଣୀଟି ତୁମକୁ ଯାହା କହୁଛି, ତାହା ହିଁ ସତ୍ୟ, ମୋ' ନିଜଲାଗି ମୁଁ ଏହିପରି ଭାବରେ ପ୍ରଶ୍ନଟିର ସମାଧାନ କରିଛି । ତେବେ, ତୁମେ ପଚାରିବ, ଭିନ୍ନ ଭିନ୍ନ ମନୁଷ୍ୟମାନେ କିପରି ଭିନ୍ନ ଭିନ୍ନ ଓ ଏପରିକି ପରସ୍ପରର ବିପରୀତ ସତ୍ୟଗୁଡ଼ିକର କଳ୍ପନା କରିଥାନ୍ତି ? ତେବେ ମନୁଷ୍ୟର ମନ ଅଗଣିତ ମାଧମ ଦେଇ କାର୍ଯ୍ୟ କରୁଥିବାରୁ ଏବଂ ମନୁଷ୍ୟର ମାନସିକ ବିବର୍ତ୍ତନ ସବୁ ମଣିଷଙ୍କର କ୍ଷେତ୍ରରେ ଏକାଭଳି ହୋଇ ନଥିବାରୁ ତାହାରି ପରିଣାମ ସ୍ୱରୂପ ଯାହା ଜଣେ ମନୁଷ୍ୟଲାଗି ସତ୍ୟ ହୋଇପାରୁଛି, ତାହା ହୁଏତ ଆଉ ଜଣେ ମନୁଷ୍ୟଲାଗି ସତ୍ୟ ହୋଇ ପାରୁନାହିଁ ତେଣୁ, ଯେଉଁମାନେ ଏହି ପ୍ରୟୋଗଟିକୁ କରିଛନ୍ତି, ସେମାନେ ଏପରି ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିଛନ୍ତି ଯେ, ଏହିସବୁ ପ୍ରୟୋଗ କରିବା ସମୟରେ ଆମକୁ କେତେକ ସର୍ତ୍ତ ଅବଶ୍ୟ ମାନିବାକୁ ପଡ଼ିବ ।

ଏପରି ହେଉଛି, କାରଣ ଏବେ କୌଣସି ପ୍ରକାରର ଶୃଙ୍ଖଳାର ଅନୁବର୍ତୀ ଆଦୌ ନ ହୋଇ ପ୍ରତ୍ୟେକ ମନୁଷ୍ୟ ଆପଣାଲାଗି ବିବେକର ଦାବି କରିବାରେ ଲାଗିଛନ୍ତି ଏବଂ ଏକ କିଂକର୍ତ୍ତବ୍ୟବିମୂଢ଼ ପୃଥିବୀକୁ ଏତେ ମିଥ୍ୟା ପ୍ରଦତ୍ତ ହେବାରେ ଲାଗିଛି । ଯଥାର୍ଥ ବିନୟର ସହିତ ମୁଁ ତୁମକୁ କେବଳ ଏତିକି କହିପାରିବି ଯେ, ଯାହାଠାରେ ଯଥେଷ୍ଟ ପରିମାଣରେ ବିନୟର ବୋଧ ନାହିଁ, ସେ କଦାପି ଅସଲ ସତ୍ୟଟିର ଆବିଷ୍କାର କରି ପାରିବନାହିଁ । ଯଦି ତୁମେ ଯଥାର୍ଥ ସତ୍ୟରୂପୀ ମହାସାଗରର ବକ୍ଷରେ ସନ୍ତରଣ କରିବାକୁ ଇଚ୍ଛା କରୁଛ, ତେବେ ତୁମକୁ ନିଜକୁ ପ୍ରକୃତରେ ଏକ ଶୂନ୍ୟସଂଖ୍ୟାରେ ହିଁ ପରିଣତ କରିଦେବାକୁ ପଡ଼ିବ ।

ସତ୍ୟ ତଥା ଅହିଂସା- ଏହି ଦୁଇଟିର ହିଁ ଯାହାକିଛି ତାତ୍ପର୍ଯ୍ୟ ରହିଛି । ଏହି ଦୁଇଟି ରହିଥିଲେ ସବୁକିଛି ଶେଷରେ ଠିକ୍ ହୋଇଯାଏ । ଏହି ନିୟମଟି ବିଷୟରେ କୌଣସି ବ୍ୟତିକ୍ରମ ଆଦୌ ହୋଇ ପାରିବନାହିଁ ।

ମୋ'ଲାଗି ସତ୍ୟ ହେଉଛି ସର୍ବୋତ୍ତମ ଓ ସର୍ବୋଚ୍ଚ ନିୟମ ଏବଂ ତାହାରି ମଧରେ ଅଗଣିତ ଅନେକ ନିୟମ ଅନ୍ତର୍ଭୁକ୍ତ ହୋଇ ରହିଛି । ଏହା କେବଳ କଥାରେ ହିଁ ସତ୍ୟର ଅବଲମ୍ବନ କରିବାକୁ ବୁଝାଏନାହିଁ, ମାତ୍ର ଭାବନାରେ ମଧ ସତ୍ୟର ଅବଲମ୍ବନ କରିବାକୁ ବୁଝାଏ । ଏହି ସତ୍ୟ କହିଲେ କେବଳ ଆମ ନିଜ ବିଚାରର ଆପେକ୍ଷିକ ସତ୍ୟଟିକୁ ବୁଝାଏନାହିଁ, ମାତ୍ର ପରମ ଯଥାର୍ଥ ସତ୍ୟକୁ ବୁଝାଏ; ସେହି ଚିରନ୍ତନ ପରମ ବିଧାନଟିକୁ ବୁଝାଏ । ତାହା ହିଁ ଭଗବାନ । ଭଗବାନଙ୍କର ଅଗଣିତ ସଂଜ୍ଞାମାନ ରହିଛି, କାରଣ ସେ ଅଗଣିତ ରୂପରେ ଆପଣାକୁ ପ୍ରକାଶିତ କରୁଛନ୍ତି । ସେହି ପ୍ରକାଶଗୁଡ଼ିକର କଥା ଭାବିଲେ ମୁଁ ବିସ୍ମୟରେ ଅଭିଭୂତ ହୋଇଯାଏ ଏବଂ ସେହି ମୁହୂର୍ତ୍ତକ ନିମନ୍ତେ ସ୍ତବ୍ଧ ହୋଇ ରହିଯାଏ ।

ମାତ୍ର ମୁଁ ଈଶ୍ୱରଙ୍କୁ କେବଳ ସତ୍ୟରୂପେ ଉପାସନା କରେ । ମୁଁ ଏପର୍ଯ୍ୟନ୍ତ ତାଙ୍କୁ ପ୍ରତ୍ୟକ୍ଷଭାବରେ ଦେଖୁନାହିଁ ସତ, ମାତ୍ର ତାଙ୍କୁ ପାଇବି ବୋଲି ଖୋଜିବାରେ ଲାଗିଛି । ଏହି ଅନ୍ୱେଷଣରେ ମୁଁ ମୋ'ର ସବୁଠାରୁ ଅଧିକ ପ୍ରିୟ ବସ୍ତୁଗୁଡ଼ିକୁ ମଧ ଦେଇ ଦେବାକୁ ପ୍ରସ୍ତୁତ ଅଛି । ଏହି ତ୍ୟାଗ ମୋ' ନିଜ ଜୀବନକୁ ଦାବି କରିବାକୁ ବସିଲେ ମଧ ମୁଁ ତାହାକୁ ଦେଇ ପାରିବି ବୋଲି ଆଶା କରୁଛି । ମାତ୍ର ଯେପର୍ଯ୍ୟନ୍ତ ମୁଁ ଏହି ପରମ ସର୍ବୋଚ୍ଚ ସତ୍ୟକୁ ଉପଲବ୍ଧି କରିନାହିଁ, ମୋତେ ସେପର୍ଯ୍ୟନ୍ତ ମୁଁ ବୁଝି ପାରିଥିବା ଆପକ୍ଷିକ ସତ୍ୟଟିକୁ ହିଁ ଅବଲମ୍ବନ କରି ରହିବାକୁ ପଡ଼ିବ । ବର୍ତ୍ତମାନ ସେହି ଆପେକ୍ଷିକ ସତ୍ୟ ହିଁ ମୋ'ର ମାର୍ଗଦର୍ଶକ, ମୋ'ର ରକ୍ଷାଢ଼ାଳ ଏବଂ ମୋ' ହାତର ରକ୍ଷାୟୁଧ ହୋଇ ରହିବ । ଏହି ପଥଟି ଅତ୍ୟନ୍ତ ସିଧା, ଅଣ ଓସାରିଆ ଏବଂ ଛୁରୀର ଧାର ପରି ତୀକ୍ଷ୍ଣ ହୋଇଥିଲେ ମଧ, ମୋ' ପାଇଁ ଏଇଟି ହିଁ ସବୁଠାରୁ ଅଧିକ କ୍ଷୁଦ୍ର ଓ ସବୁଠାରୁ ଅଧିକ ସହଜ ମାର୍ଗ ହୋଇ ରହିଆସିଛି । କଠୋରଭାବରେ ଏହି ମାର୍ଗରେ ଅବିଚଳ ରହିପାରିଛି ବୋଲି ହିଁ ମୋ'ର ହିମାଳୟତୁଲ୍ୟ ଦୋଷଗୁଡ଼ିକ ମଧ ମୋତେ ଏକାନ୍ତଭାବରେ ତୁଚ୍ଛ ବୋଲି ବୋଧ ହୋଇଛି । କାରଣ, ଏହି ମାର୍ଗ ମୋତେ ବହୁ ବିପଦରୁ ରକ୍ଷା କରିଛି ଏବଂ ମୋ'ର ଆଲୋକଟିକୁ ଅନୁସରଣ କରି ମୁଁ ଆଗକୁ ଆଗକୁ ଯାଇପାରିଛି ।

ଅଗ୍ରସର ହେଉଥିବା ସମୟରେ ଅନେକ ସମୟରେ ମୁଁ ସେହି ପରମ ସତ୍ୟଟିର, ଭଗବାନଙ୍କର କ୍ଷୀଣ ଆଭାସ ଦେଖିବାକୁ ମଧ ପାଇଛି ମୋ'ର ଏହି ବିଶ୍ୱାସଟି ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି ଯେ କେବଳ ସେଇ ହେଉଛନ୍ତି ସତ୍ୟ ଓ ଆଉ ସବୁକିଛି ହେଉଛି ମିଥ୍ୟା ।

ମୋ' ଭିତରେ ଆଉ ଗୋଟିଏ ପ୍ରତ୍ୟୟ ମଧ ବୃଦ୍ଧିପାଉଛି ଯେ, ମୋ' ପାଇଁ ଯାହା ସମ୍ଭବ ହେଉଛି, ତାହା ଗୋଟିଏ ପିଲାପାଇଁ ମଧ ଅବଶ୍ୟ ସମ୍ଭବ ହେବ ଏବଂ ଏପରି କହିବା ପଛରେ ମୋ'ର ବଳିଷ୍ଠ କାରଣମାନ ବି ରହିଛି । ସତ୍ୟର ଅନ୍ୱେଷଣରେ ଆବଶ୍ୟକ ହେଉଥିବା ଅସ୍ତ୍ରଗୁଡ଼ିକ ଅତ୍ୟନ୍ତ ସରଳ, ପୁଣି ଅତ୍ୟନ୍ତ କଷ୍ଟସାଧ । ସେଗୁଡ଼ିକ ଜଣେ ଉଦ୍ଧତ ବ୍ୟକ୍ତିପାଇଁ ହୁଏତ ଅସମ୍ଭବ ପରି ମନେହେଉଥିବ ଏବଂ ଏକ ସରଳମତି ଶିଶୁପାଇଁ ବେଶ୍ ସହଜ ମଧ ଲାଗୁଥିବ ।

ସତ୍ୟର ଅନ୍ୱେଷଣ କରୁଥିବା ବ୍ୟକ୍ତି ଧୂଳିଠାରୁ ମଧ ଅଧିକ ନମ୍ର ହେବ । ପୃଥିବୀଯାକ ସମସ୍ତେ ଧୂଳିକୁ ପାଦତଳେ ମାଡ଼ିଦେଇ ଯାଉଥାନ୍ତି ମାତ୍ର ସତ୍ୟର ଅନ୍ୱେଷଣ କରୁଥିବା ବ୍ୟକ୍ତି ଆପଣାକୁ ଏପରି ନମ୍ର କରି ରଖିବ ଯେ, ତାକୁ ସେହି ଧୂଳି ହୁଏତ ପାଦରେ ଦଳିଦେଇ ପାରିବ । କେବଳ ସେତିକିବେଳେ, ତା'ପୂର୍ବରୁ ଆଦୌ ନୁହେଁ, ସେ ପରମ ସତ୍ୟର ଏକ ଆଭାସ ଦେଖିବାକୁ ପାଇବ ।

ସତ୍ୟ ହେଉଛି ଗୋଟିଏ ବିରାଟ ବୃକ୍ଷ ସଦୃଶ, ଯାହାକୁ କି ତୁମେ ଅଧିକରୁ ଅଧିକ ଯତ୍ନରେ ପାଳୁଥିବା ପର୍ଯ୍ୟନ୍ତ ତାହା ତୁମକୁ ଅଧିକରୁ ଅଧିକ ଫଳ ପ୍ରଦାନ କରିବାରେ ଲାଗିଥିବ । ସତ୍ୟର ଖଣିଟି ଭିତରେ ପ୍ରବେଶ କରି ଆମେ ଯେତିକି ଅଧିକ ଗଭୀରକୁ ଯାଇପାରିବା, ସେଠାରେ ପୋତା ହୋଇ ରହିଥିବା ଭଲଗୁଡ଼ିକର ଆବିଷ୍କାର ଆମଲାଗି ସେତେ ଅଧିକ ପ୍ରଭାବଯୁକ୍ତ ହେବାରେ ଲାଗିଥିବ ଏବଂ ସେବାର ଆହୁରି କେତେ କେତେ ଅଧିକ ଅବସର ଉନ୍ମୋଚିତ ହୋଇ ଯାଉଥିବ ।

କେବଳ ସତ୍ୟରୂପୀ ଈଶ୍ୱରଙ୍କ ବ୍ୟତୀତ ଆଉ ଯାବତୀୟ ବସ୍ତୁ ଏହି ଜଗତରେ ଅନିଶ୍ଚିତ ହୋଇଥିବାରୁ ଏଠାରେ ନିଶ୍ଚିତତାର ପ୍ରତ୍ୟାଶା କରିବା ଆଦୌ ଠିକ୍ ହେବନାହିଁ ବୋଲି ମୋ'ର ମତ । ଆମର ଚତୁର୍ଦ୍ଦିଗରେ ଏଠି ଯାହାକିଛି ପ୍ରତିଭାସିତ ହେଉଛି ଏବଂ ଘଟୁଛି, ତାହା ଅତ୍ୟନ୍ତ ଅନିଶ୍ଚିତ, ଅତ୍ୟନ୍ତ କ୍ଷଣସ୍ଥାୟୀ । କାରଣ ଏଠାରେ ଏକମାତ୍ର ପରମ ନିଶ୍ଚିତତା ରୂପେ ଏକ ସର୍ବୋଚ୍ଚ ପରମସତ୍ତା ପ୍ରଚ୍ଛନ୍ନ ହୋଇ ରହିଛନ୍ତି ଏବଂ ସେହି ନିଶ୍ଚିତତାର ଏକ କ୍ଷୀଣ ଆଭାସ ପାଇପାରୁଥିବା ଏବଂ ତାହାକୁ ଆଗରେ ରଖି ବାଟ ଚାଲି ପାରୁଥିବା ଜଣେ ବ୍ୟକ୍ତିକୁ ପ୍ରକୃତରେ ଭାଗ୍ୟବାନ୍ ବୋଲି କୁହାଯାଇ ପାରିବ । ସେହି ପରମସତ୍ୟ ଲାଗି ଅନ୍ୱେଷଣହିଁ ଜୀବନର ପରମ ପ୍ରାପ୍ତି ସତ୍ୟ ଅଭିମୁଖରେ ଯାତ୍ରା କରୁଥିବାର ମାର୍ଗରେ କ୍ରୋଧ, ସ୍ୱାର୍ଥପରତା, ଘୃଣା ପ୍ରଭୃତି ସ୍ୱାଭାବିକଭାବରେ ବାଟ ଛାଡ଼ିଦିଅନ୍ତି, କାରଣ ତତ୍‌ବ୍ୟତୀତ ସତ୍ୟର ଉପଲବ୍ଧି କଦାପି ସମ୍ଭବ ହୁଏନାହିଁ । ଯେଉଁ ମନୁଷ୍ୟ ବାସନା ଏବଂ ଆବେଗଗୁଡ଼ିକ ଦ୍ୱାରା ବିକ୍ଷୁବ୍ଧ ହୋଇ ରହିଥାଏ, ତାହାର ଅଭିପ୍ରାୟଗୁଡ଼ିକ ବେଶ୍ ଭଲ ହୋଇ ପାରିଥାନ୍ତି, ତା' କଥାରେ ହୁଏତ ଅନେକ ନିଷ୍ଠା ଥାଇପାରେ, ମାତ୍ର ସେ କଦାପି ସତ୍ୟର ଦର୍ଶନ ଲାଭ କରି ପାରିବନାହିଁ । ସତ୍ୟର ଅନ୍ୱେଷଣରେ ସାଫଲ୍ୟ ଲାଭକରିବାକୁ ହେଲେ ଭଲ ପାଇବା ଓ ଘୃଣା କରିବା, ସୁଖ ତଥା ଦୁଃଖାନୁଭବ ପ୍ରଭୃତି ଦ୍ୱିବିଧ ପ୍ରବୃତ୍ତିଭିତରୁ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ କରି ଆଣିବାକୁ ପଡ଼ିବ ।

# ଆତ୍ମା ହିଁ ସତ୍ୟ

## ଗୋପୀନାଥ ଷଡ଼ଙ୍ଗୀ

**ଆ**ତ୍ମାହିଁ ସତ୍ୟ, ଯେ କି ନିଜ ଭିତରେ ଅଛନ୍ତି । କେହି ଏହାକୁ ଅସ୍ୱୀକାର କରି ପାରିବେ ନାହିଁ । ଆମେ ସତ୍ୟ, ଆମ ଭିତରେ ଥିବା ଆତ୍ମା ମଧ ସତ୍ୟ । ସେହି ଆତ୍ମା ହିଁ ବିଭିନ୍ନ ନାମ, ରୂପ, ଗୁଣ ଭାବରେ ଆତ୍ମ ପ୍ରକାଶ କରିଛନ୍ତି । ଆତ୍ମାକୁ ଜ୍ଞାନ ଦ୍ୱାରା ହିଁ ଅନୁଭବ କରିହୁଏ । ଭକ୍ତି ଏକ ପଥ ବା ଧାରା । ବ୍ରହ୍ମ ଶୂନ୍ୟ ସ୍ଥିତିରେ ମଧ ଅଛନ୍ତି । ବ୍ରହ୍ମ, ଆତ୍ମା, ଭଗବାନ ଏକ ଓ ଅଭିନ୍ନ । ଯେ ଜୀବ ସେ ଶିବ । ଗୁରୁ ଆଶୀର୍ବାଦ ବିନା ଏ ଭାବ କେବେ ଉଦୟ ହୋଇ ପାରିବ ନାହିଁ । ଗୁରୁ ଆଶୀର୍ବାଦରୁ ଏ ସବୁ ଭାବ ମୋ ହୃଦୟରେ ଜାଗ୍ରତ ହେଉଛି ବୋଲି ବିଚାର କଲେ ଯାଇ ଗୁରୁ ଆଶୀର୍ବାଦ ମିଳିବ । ଇଷ୍ଟ ଅର୍ଥ ମଙ୍ଗଳ । ଆମ ସୁଖ, ଶାନ୍ତି, ମଙ୍ଗଳ, ମୁକ୍ତି ପାଇଁ ଯେଉଁ ମନ୍ତ୍ର ସହାୟକ ତାକୁ 'ଇଷ୍ଟ ମନ୍ତ୍ର' କହନ୍ତି । ପରିବର୍ତ୍ତନ ହିଁ ଚେତନା । ଚେତନା ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ କରି ଚାଲିଛି । ଚେତନା ସୂକ୍ଷ୍ମରୁ ସୂକ୍ଷ୍ମ ଭାବରେ ସବୁ ଠାରେ ଅଛନ୍ତି । ଏ ପରିପ୍ରେକ୍ଷୀରେ ଦିବ୍ୟ ଦର୍ଶନ କହେ : ଭଗବାନଙ୍କୁ ଜାଣିବା ପାଇଁ ଯଦି କୌଣସି ବଳିଷ୍ଠ ପ୍ରମାଣ ଥାଏ ତାହା ହେଉଛି ପରିବର୍ତ୍ତନ । ମୁନି, ଋଷି ମାନେ ପ୍ରଥମେ ଆତ୍ମା ହିଁ ଭଗବାନ କହୁଥିଲେ । ପରେ ଚେତନା ହିଁ ଭଗବାନ କହିଲେ । ଜଡ଼ ଜଗତକୁ ବୁଝାଇବା ପାଇଁ ଦିବ୍ୟ ଦର୍ଶନ କହେ- ପରିବର୍ତ୍ତନ ହିଁ ଭଗବାନ' ରୂପ ଭିତରେ ଯେଉଁ ଗୁଣ ଥାଏ ତାହା ହିଁ ଚେତନା । ଏଣୁ ପରିବର୍ତ୍ତନ ହିଁ ଚେତନା, ଚେତନା ହିଁ ଆତ୍ମା, ଆତ୍ମା ହିଁ ବ୍ରହ୍ମ, ବ୍ରହ୍ମ ହିଁ ଶକ୍ତି, ଶକ୍ତି ହିଁ ଭଗବାନ ।

ପରିବର୍ତ୍ତନ ୨ ପ୍ରକାର । ରାସାୟନିକ ପରିବର୍ତ୍ତନ ଓ ପ୍ରାକୃତିକ ପରିବର୍ତ୍ତନ ।

କେମିକାଲ ପରିବର୍ତ୍ତନର ପ୍ରକ୍ରିୟାକୁ ରାସାୟନିକ ପରିବର୍ତ୍ତନ କହନ୍ତି । ନିଜେ, ନିଜେ ପରିବର୍ତ୍ତନ ହେବାକୁ ପ୍ରାକୃତିକ ପରିବର୍ତ୍ତନ କହନ୍ତି ।

ପ୍ରଧାନପଡ଼ା, ବୁଢ଼ାରଜା, ସମ୍ବଲପୁର

## ସ୍ୱର୍ବେଦ

**ନିତ୍ୟ ପଦାରଥ ରହ ଜହାଁ, ସ୍ୱୟଂ**
**ନିତ୍ୟ ଗୁଣ ହୋୟ ।**
**ଆୟ ନ ଗୁଣ ଅନ୍ୟ ଦ୍ରବ୍ୟ କା,**
**କାରଜ ମେଁ ଗୁଣ ହୋୟ ॥୨୨॥**


ଭାଷ୍ୟ - ନିତ୍ୟ ପଦାର୍ଥମାନଙ୍କରେ ସ୍ୱୟଂ ନିତ୍ୟ ଗୁଣ ହୋଇଥାଏ । ଅନ୍ୟର କୌଣସି ଗୁଣ ଆସି ନ ଥାଏ । ଜଡ଼ ପ୍ରକୃତିରେ କାରଣର ଗୁଣ କାର୍ଯ୍ୟରେ ଆସିଥାଏ । କାରଣ ଆଉ କାର୍ଯ୍ୟ ଅନିତ୍ୟ ବସ୍ତୁରେ ହୋଇଥାଏ, ଯାହା ଜଡ଼ ଅଟେ ଏବଂ ଯାହାର ପରିଣାମ ବିକାର ହୋଇଥାଏ । ଚେତନ ବସ୍ତୁ ସତ୍ୟ ଏବଂ କୂଟସ୍ଥ ହୋଇଥାଏ ।

**କାରଣ ସେ କାରଜ ବନେ,**
**କାରଣ କା ଗୁଣ ଆୟ ।**
**ନିତ୍ୟ ଅନିତ୍ୟ ସାଧନ ଯହୀ,**
**ନିତ୍ୟ ଅକାଶ ନ ପାୟ ॥୨୩॥**

ଭାଷ୍ୟ - କାରଣରୁ କାର୍ଯ୍ୟ ହୋଇଥାଏ ଆଉ କାରଣର ଗୁଣ କାର୍ଯ୍ୟରେ ଆସିଥାଏ । ଆକାଶରେ ସତ୍ୱ, ରଜ ଓ ତମ ପ୍ରକୃତିର ଗୁଣ ସିଦ୍ଧ ହୋଇଥାନ୍ତି ଅତଏବ ଆକାଶ ପ୍ରକୃତିର କାର୍ଯ୍ୟ ଅଟେ, ନିତ୍ୟ ବସ୍ତୁର ନୁହେଁ । ଏହା ତାହାକୁ ଅନିତ୍ୟ ବୋଲି ଜାଣିବାର ସାଧନ ଅଟେ ।

**ସୃଷ୍ଟି ଆରମ୍ଭ ଅୟୋନିଜ,**
**ସାଂକାଲ୍ପିକ ଜଗ ହୋୟ ।**
**ଫିର ୟୋନିଜ କ୍ରମ ଚଲତ ହୈ,**
**ୟହ ଗତି ଜାନତ କୋୟ ॥୨୫॥**

ଭାଷ୍ୟ - ସୃଷ୍ଟିର ପ୍ରାରମ୍ଭରେ ଈଶ୍ୱରଙ୍କ ସଂକଳ୍ପରୁ ଅମୈଥୁନୀ ସୃଷ୍ଟି ହୋଇଥାଏ । ପୁଣି ସ୍ତ୍ରୀ ପୁରୁଷର ସମ୍ଭୋଗରୁ ମୈଥୁନୀ ସୃଷ୍ଟିର କ୍ରମ ଚାଲିଥାଏ ।




**ସାଂକଳ୍ପିକ ସାଂସିଦ୍ଧକ ହୈ, ଅରୁ**
**ଅସ୍ଥାୱର ଜାନ ।**
**ଅଣ୍ଡଜ ପୀଣ୍ଡଜ ଉଦ୍ଭିଜ, ୟହ ଷଟ**
**ସୃଷ୍ଟି ପ୍ରମାନ ॥୨୬॥**

ଭାଷ୍ୟ - ଅଣ୍ଡଜ, ପିଣ୍ଡଜ, ଉଷ୍ମଜ, ସ୍ଥାବର, ସାଂକଳ୍ପିକ ଆଉ ସାଂସିଦ୍ଧିକ - ଏଭଳି ଛଅ ପ୍ରକାରର ସୃଷ୍ଟି ହୋଇଥାଏ ।

**ଜଗ ରଚନା ୟହ ସତ୍ୟ ହୈ, କର୍ମ**
**ଭୋଗ ସବ ହୋୟ ।**
**ମିଥ୍ୟା କ୍ୟୌଁ ତୁମ କହତ ହୋ,**
**ବୁଧ୍ୱି ମୂଲକ ଭ୍ରମ ସୋୟ ॥୨୭॥**

ଭାଷ୍ୟ - ଜଗତର ରଚନା ସତ୍ୟ ଅଟେ ଏବଂ ଏହି ସୃଷ୍ଟିରେ ଜୀବମାନଙ୍କର କର୍ମ ଅନୁସାରେ ସେମାନଙ୍କର ଭୋଗ ହୋଇଥାଏ । ସେଥିପାଇଁ ଜଗତ ସ୍ଥିତି ପ୍ରତ୍ୟକ୍ଷ ସତ୍ୟ ଅଟେ । ମିଥ୍ୟା କହିବା ବୁଦ୍ଧିମୂଳକ ଜ୍ଞାନର ଭ୍ରମ ଅଟେ ।

**ଭାୱ ଭେଷ ଭାଷା ଭନେଁ, ଭକ୍ଷ୍ୟ**
**ରୂପ ହୈ ଏକ ।**
**ଏକ ଜାତି ସୋଇ ଜାନିୟେ, ଭିନ୍ନ**
**ଜାତି ଅନ୍ୟଦେକ ॥୨୮॥**

ଭାଷ୍ୟ - ଯେଉଁମାନଙ୍କର ଭାଷା, ସ୍ୱରୂପ, ସ୍ୱଭାବ ଆଉ ଭୋଜନ ଏକ ସମାନ ଅଟେ ସେମାନେ ଏକ ଜାତିର ଅଟନ୍ତି । ମାତ୍ର ସେଥିରେ ଭିନ୍ନତା ଆସିଲେ ସେମାନେ ଅନ୍ୟ ଜାତିର ହୋଇଥାନ୍ତି । ମନୁଷ୍ୟ ଆଉ ପଶୁ ଦୁଇ ପ୍ରକାର ଜାତିର ଅଟନ୍ତି ଏବଂ ଗାଈ ଆଉ କୁକୁର ଉଭୟ ପଶୁ ହୋଇଥିଲେ ସୁଦ୍ଧା ଜାତି ଭେଦରେ ଭିନ୍ନ ଜାତିର ଅଟନ୍ତି ।

**କ୍ଷଣ ଭଙ୍ଗୁର ସଂସାର ହୈ, ମନ**
**ମାୟା ଦୁଖ ରୂପ ।**
**ଦୁଖ ଭାଜନ ୟହ ଦେହ ହୈ,**
**ମୋହ ଭରମ ଭୱକୂପ ॥୨୯॥**

ଭାଷ୍ୟ - ମନକୁ ପ୍ରାପ୍ତ ହେଉଥିବା ମାୟା, ଦୁଃଖର ସ୍ୱରୂପ ଅଟେ । ଏହି ଦୁଃଖମୟ ସଂସାର ନାଶବାନ ଅଟେ । ଏହି କ୍ଷଣିକ ଶରୀର ଦୁଃଖ ଭୋଗର ସ୍ଥାନ ଅଟେ । ଜୀବ ନିଜ ଅଜ୍ଞାନ ମୋହ କାରଣରୁ ବାରମ୍ବାର ଜନ୍ମ ମରଣର ଚକ୍ରରେ ପଡ଼ି ଏହି ଦୁଃଖମୟ ଶରୀରକୁ ଧାରଣ କରିଥାଏ ।

**ସର୍ୱ୍ୱବ୍ୟାପୀ ପ୍ରଭୁ ପାସ ହୈ, ମନ**
**ବଚ କାୟା ଜାନ ।**
**ସ୍ୱାମୀ ପ୍ରଭୁ ମୈଁ ଦାସ ହୂଁ,**
**ଶରଣାଗତ ପ୍ରଭୁ ମାନ ॥୩୦॥**

ଭାଷ୍ୟ - ମନ ବଚନ ଏବଂ କାୟା ଭିତରେ ବ୍ୟାପକ, ଏ ସମସ୍ତ ବିଷୟର ଜ୍ଞାତା, ସର୍ବବ୍ୟାପୀ ମହାପ୍ରଭୁ ମୋ ପାଖରେ ଅଛନ୍ତି । ସେ ମୋର ସ୍ୱାମୀ ଅଟନ୍ତି । ମୁଁ ତାଙ୍କର ଶରଣାଗତ, ଅନନ୍ୟ ଶରଣ ଦାସ ଅଟେଁ ।

**ନିତ୍ୟ ପଲେ ପଲ ନିଗଲତା,**
**କାଲ ବଲୀ ସଂସାର ।**
**କାଲକ ମୁଖ ମୈଁ ଜା ରହା, ଶ୍ୱାଁସ**
**ଉଶ୍ୱାଁସ ୱିଚାର ॥୩୧॥**

ଭାଷ୍ୟ - ବଳବାନ କାଳ ସଂସାରକୁ ପ୍ରତିଦିନ ଗିଳିବାରେ ଲାଗିଛି । ନିଃଶ୍ୱାସ ପ୍ରଶ୍ୱାସ କାଳର ମୁଖକୁ ଯାଉଛି । ଏହାକୁ ବୁଝିବା ପାଇଁ ଚେଷ୍ଟା କରନ୍ତୁ ।

**ଉଛ ସଦା ଅସ୍ମରଣ ହୈ, ଦୃଢ଼**
**ରାଖହୁ ୱିଶୱାସ ।**
**ଭଜନ କରୋ ପ୍ରଭୁ ଶରଣ ମେଁ,**
**ଜଗ ସେ ରହୋ ଉଦାସ ॥୩୨॥**

ଭାଷ୍ୟ - ସର୍ବଦା କାଳକୁ ସ୍ମରଣରେ ରଖି ପ୍ରଭୁ ଭକ୍ତିରେ ଦୃଢ଼ ବିଶ୍ୱାସ ରଖନ୍ତୁ ଏବଂ ଜଗତ ପ୍ରତି ବୈରାଗ୍ୟ ଭାବ ରଖି ପ୍ରଭୁଙ୍କର ଭଜନ କରନ୍ତୁ ।

**ସତ୍ୟ ଦୟା ପ୍ରଭୁ ଭୟ ରହେ,**
**ୟାହ ଅମୂଲ୍ୟ ଗୁଣ ଜାନ ।**
**ସତ୍ୟ ଧର୍ମ କା ମୂଲ ହୈ, ସତ୍ୟ**
**ରୂପ ଭଗୱାନ ॥୩୩॥**

ଭାଷ୍ୟ - ସତ୍ୟ, ଦୟା ଓ ପ୍ରଭୁଙ୍କ ପ୍ରତି ଭୟ - ଏ ସମସ୍ତ ଅମୂଲ୍ୟ ଗୁଣ ଅଟନ୍ତି । ସତ୍ୟ ଧର୍ମର ମୂଲ୍ୟ ଅଛି ମାତ୍ର ଭଗବାନ ସତ୍ୟ ସ୍ୱରୂପ ଅଟନ୍ତି ।

**ସତ୍ୟ ଧର୍ମ କା ମୂଲ ହୈ,**
**ଦୟାଶାଖ ସମ ଜାନ ।**
**ଅପର ଧର୍ମ ୱିସ୍ତାର ହୈ, ଧର୍ମୀ**
**ପୁରୁଷ ମହାନ ॥୩୪॥**

ଭାଷ୍ୟ - ସତ୍ୟ ସମସ୍ତ ଧର୍ମର ମୂଳ ଅଟେ ଆଉ ଦୟା ତାହାର ଶାଖା ଅଟେ ଏବଂ ଅନ୍ୟ ଧର୍ମ ଡାଳ ପତ୍ର ସମାନ ଅଟନ୍ତି । ଏହି ଧର୍ମଗୁଡ଼ିକର ଧାରଣକାରୀ ସଂସାରରେ ମହାନ୍ ହୋଇଥାନ୍ତି ।

## ଲାଭକାରୀ କଦଳୀ ଭଣ୍ଡା

କଦଳୀ ଭଣ୍ଡାଠାରୁ ଆରମ୍ଭ କରି ମଞ୍ଜା ପର୍ଯ୍ୟନ୍ତ ପ୍ରତିଟି ଅଂଶ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ରହିଥାଏ ।

ମଧୁମେହ : ଏକ ଅନୁସନ୍ଧାନରୁ ଜଣାପଡିଛି କି ମଧୁମେହ ରୋଗୀଙ୍କ ଇନସୁଲିନ୍ ଲେବଲକୁ କଦଳୀ ଭଣ୍ଡା କମ୍ କରିଥାଏ ।

ଡିପ୍ରେସନ : ଅବସାଦକୁ ଦୂର କରିବାରେ କଦଳୀ ଭଣ୍ଡା କାମରେ ଆସିଥାଏ । ଏଥିରେ ଥିବା ମ୍ୟାଗ୍ନେସିୟମ ମସ୍ତିଷ୍କକୁ ଥଣ୍ଡା ଓ ଡିପ୍ରେସନ ଦୂର କରିଥାଏ ।

ପେଟ ରୋଗ : ଏହାକୁ ନିୟମିତ ଖାଇବା ଫଳରେ ପେଟ ସମସ୍ୟା ଦୂର ହୋଇଥାଏ । ଯଦି ପେଟ ଫମ୍ପିଇବା ତଥା ପେଟ ଦରଜ ତଥା ଏସିଡିଟି ରହିଛି ତେବେ କଦଳୀ ଭଣ୍ଡା ତୁରନ୍ତ ମୁକ୍ତି ଦେଇଥାଏ ।

ନିୟମିତ ଋତୁସ୍ରାବ : କଦଳୀ ଭଣ୍ଡା ଖାଇବା ଦ୍ୱାରା ମହିଳାଙ୍କ ଋତୁସ୍ରାବ ନିୟମିତ ହୋଇଥାଏ । ଆୟୁର୍ବେଦ ଅନୁସାରେ ଏହି ରୋଗ ପାଇଁ ରାମବାଣ ପରି କାମରେ କଦଳୀ ଭଣ୍ଡା । ଗୋଟିଏ କପ ଫୁଲ ନେଇ ପାଣିରେ ଗରମ କରି ଦହି ସହିତ ଖାଇଲେ ଏହା ମହିଳାଙ୍କ ଅତ୍ୟଧିକ ମାତ୍ରାରେ ହେଉଥିବା ବ୍ଲିଡିଂକୁ ମଧ କମ କରିଥାଏ ।

ରକ୍ତହୀନତା : କଦଳୀ ଭଣ୍ଡାରେ



ପ୍ରଚୁର ପରିମାଣରେ ଆଇରନ୍ ରହିଛି । ଯାହାକି ରକ୍ତରେ ହିମୋଗ୍ଲୋବିନ୍ ଅଭାବକୁ ଦୂର କରିଥାଏ ।

ଗର୍ଭବତୀଙ୍କ ଲାଗି ହିତକର : ଆୟୁର୍ବେଦ ଅନୁସାରେ ସ୍ତନ୍ୟପାନ କରାଉଥିବା ମହିଳା କଦଳୀ ଭଣ୍ଡା ନିୟମିତ ଖାଇବା ଉଚିତ । ଏହା ପ୍ରସୂତୀଙ୍କର କ୍ଷୀର ବୃଦ୍ଧି କରିବାରେ ସହାୟକ ହୋଇଥାଏ ।

## ସମ୍ବନ୍ଧରେ ମଧୁରତା ଆଣେ...

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସମ୍ବନ୍ଧର ମଜଭୁତ ପରମ୍ପରା ମାନବତାର ସଂବାହକ, ଯାହାର ସନ୍ଦେଶ ଆମକୁ ପୂର୍ଣ୍ଣମୀର ମଧୁର ବେଳାରେ ପାଳନ କରାଯାଉଥିବା ଉତ୍ସବ ଜ୍ଞାନମୟ ଢଙ୍ଗରେ ବୁଝାଇଥାଏ । ଶ୍ରାବଣ ମାସର ସବୁଜିମାର ମନୋରମ ବାତାବରଣରେ ସମ୍ବନ୍ଧଗୁଡ଼ିକର ମଧୁରତା ଗୋଳିବାର କାର୍ଯ୍ୟ ଉତ୍ସବ ହିଁ କରିଥାଏ । ଏହା ସହିତ ଏଗୁଡ଼ିକର ସହଜତାରେ ପାରସ୍ପରିକ ସୁରକ୍ଷାର ସେହି ଅବ୍ୟକ୍ତ ସଂକଳ୍ପ ଲୁଚି ରହିଥାଏ, ଯାହା ସେମାନଙ୍କ ସୁରକ୍ଷାର ଦାୟିତ୍ୱବୋଧକୁ ଜାଗ୍ରତ ରଖିଥାଏ ।

ଆଧୁନିକ ସମୟରେ ପରମ୍ପରାଗୁଡ଼ିକୁ ପାଳନ କରିବାର ଶୈଳୀ ଭଲା ପୁଞ୍ଜିବାଦୀ ହୋଇଯାଇଛି, କିନ୍ତୁ ସେଗୁଡ଼ିକର ସରଳତା ଆଜି ବିଚାରର ପରାକାଷ୍ଠାକୁ ବି ଜନ୍ମ ଦେଇଛି । ନାରୀ ପ୍ରକୃତିର ରୂପ, ତେଣୁ ଉତ୍ସବଗୁଡ଼ିକର ମୂଳ ଭାବନାକୁ ଜୀବନ୍ତ ରଖିବାର ଭାର ମଧ ତା' ଉପରେ ରହିଛି । ଆଜିର ନାରୀ ସକ୍ଷମ, ନିର୍ଣ୍ଣାୟକ ହେବା କଥା ଠିକ୍, କିନ୍ତୁ ସ୍ନେହ କରିବା ଓ ସମ୍ବନ୍ଧଗୁଡ଼ିକୁ ସଜାଡ଼ିବା ଆଜି ମଧ ନାରୀର ବୁଦ୍ଧିମତ୍ତା ଉପରେ ଆଶ୍ରିତ । ବର୍ତ୍ତମାନ ସେ ଅବଳା ନୁହେଁ, ସବଳା, ସେ ଆଜି ନିଜ ଭାଇକୁ ବି ଆଶ୍ରୟ ଦେବାରେ ପଛରେ ନାହିଁ ।

ରକ୍ଷାସୂତ୍ର ଆମକୁ ସନ୍ଦେଶ ଦେଇଥାଏ ଯେ ମଙ୍ଗଳ ପାଇଁ ମର୍ଯ୍ୟାଦାଗୁଡ଼ିକର ପାଳନ ଜରୁରୀ । ବ୍ରାହ୍ମଣମାନଙ୍କ ଦ୍ୱାରା ଯଜମାନଙ୍କୁ ରକ୍ଷାର ସୂତ୍ର ବାନ୍ଧିବା ସମୟରେ ଯେଉଁ ମନ୍ତ୍ର ପଢ଼ାଯାଏ, ତାହା ମଧ କହିଥାଏ ଯେ ରାଜା ବଳିଙ୍କୁ ଯାହା ବାନ୍ଧିଥିଲା (ମର୍ଯ୍ୟାଦିତ ଓ ସୀମିତ କରିଥିଲା), ସେହି କୁଶଳ ଶୁଭ ବିଚାରରେ ମୁଁ ତୁମକୁ ବି ବାନ୍ଧୁଛି, ଯାହା ତୁମର ରକ୍ଷା କରିବ । ବୈଶ୍ବୀକରଣ ଆଜି ଜନ ଜନଙ୍କ ପର୍ଯ୍ୟନ୍ତ ଜ୍ଞାନର ଭଣ୍ଡାର ଉପଲବ୍ଧ କରାଇ ଦେଇଛି । ଆଜି ଜ୍ଞାନର ପ୍ରସାର ସୁଗମ, କିନ୍ତୁ ମାନବତା ପ୍ରତିଦିନ ଲୁପ୍ତ ହୋଇଯାଉଛି । ସମ୍ବନ୍ଧ ଅସ୍ୱସ୍ଥ ପ୍ରତୀତ ହେଉଛି । ବର୍ତ୍ତମାନ ସମୟର ଚାଲିଚଳନରେ ପ୍ରାୟ ଅପେକ୍ଷିତ ପରିବର୍ତ୍ତନ ହୋଇଛି, କିନ୍ତୁ ପାରସ୍ପରିକ ବିଚାରଧାରାରେ ସଂଘର୍ଷ ବି ବଢ଼ିଛି ।

ସହରୀକରଣ ଓ ଜୀବନଶୈଳୀର ପରିବର୍ତ୍ତନ ସମ୍ବନ୍ଧଗୁଡ଼ିକୁ ଛିନ୍ନଭିନ୍ନ କରିଦେଇଛି, କିନ୍ତୁ ଉତ୍ସବଗୁଡ଼ିକର ମୂଳ ସନ୍ଦେଶ ଏକତା, ଭାଇଚାରା ବଢ଼ାଇବା ହୋଇଥାଏ । ଆଜି ମଧ ସେଗୁଡ଼ିକ ସେହି ସନ୍ଦେଶ ଦେଇଥାଏ- ଯାହାର ଆଧାର ହେଉଛି ସମସ୍ତେ ମିଳିମିଶି ରହନ୍ତୁ । ମର୍ଯ୍ୟାଦା ତାହା ଶିଖାଇଥାଏ, ଯାହା କେବେ ପ୍ରାଚୀନ ବା ବୈଦିକ ଥିଲା । କେବେ ପରମ୍ପରା ଥିଲା ତ କେବେ ବିଚାରଣୀୟ ଥିଲା, କାରଣ ମାନବର ସମ୍ବନ୍ଧ ମାନବୀୟ ଥିଲା ଓ ରହିବ । ଜୀବନଦାୟକ ତତ୍ତ୍ୱଗୁଡ଼ିକ ସହିତ ଉତ୍ସବ ଓ ପର୍ବ ପ୍ରତ୍ୟେକଙ୍କୁ ଏହି ଜ୍ଞାନ ବାଣ୍ଟୁଥିବ ।

ରକ୍ଷାବନ୍ଧନର ପର୍ବ ଆଜି ଭାଇ-ଭଉଣୀର ସମ୍ବନ୍ଧର ପର୍ବ ହୋଇଯାଇଛି । ଭାଇ-ଭଉଣୀଙ୍କ ସମ୍ବନ୍ଧ ପବିତ୍ର ଓ ନିଃସ୍ୱାର୍ଥ ହୋଇଥାଏ । ସମ୍ବନ୍ଧଗୁଡ଼ିକର ସୁରକ୍ଷାରେ ବନ୍ଧା ପର୍ବର ଏହି ସମୀକରଣ ସମ୍ବନ୍ଧଗୁଡ଼ିକର ପ୍ରତିବଦ୍ଧତାକୁ ସମସ୍ତଙ୍କୁ ସ୍ମରଣ କରାଇଥାଏ ।

ସମ୍ବନ୍ଧଗୁଡ଼ିକରେ ସନ୍ତୁଳନ, ସମନ୍ୱୟ, ସାମଞ୍ଜସ୍ୟର ଉତ୍ସବ ହେଉଛି ରକ୍ଷାବନ୍ଧନ ପର୍ବ । ପରିବର୍ତ୍ତିତ ସମୟ ସହିତ ରକ୍ଷାସୂତ୍ର ରାକ୍ଷୀ ନାମ ଗ୍ରହଣ କରି ନିଜ ସ୍ୱରୂପରେ ମଧ ସଂକୁଚିତ ମାନସିକତାକୁ ସ୍ୱୀକାର କରିନେଇଛି । କେବେ ପାରସ୍ପରିକ ସମ୍ପର୍କରେ ଦୃଢ଼ତା, ଧର୍ମ ଓ ସଂସ୍କୃତିର ଜ୍ଞାନକୁ ବଢ଼ାଇବା ପାଇଁ ପରମ୍ପରା ପାଳନ କରିବାର ସୁସ୍ଥ ମାନସିକତା ଥିଲା ତ ଆଜି ଏହା ମାତ୍ର ସୂତା ବାନ୍ଧିବାର ପ୍ରଥାରେ ବଦଳି ଯାଇଛି ।

ସମ୍ବନ୍ଧ ମଧ ଏକ ସୀମା ପର୍ଯ୍ୟନ୍ତ ହିଁ ସୁସ୍ଥ ରହିଥାଏ ଅଧିକାଂଶ ଲୋକଙ୍କ ଭାବନା ସମ୍ବନ୍ଧଗୁଡ଼ିକୁ ବୋହିବା ହୋଇଥାଏ ଏବଂ ପ୍ରଦର୍ଶନର ପ୍ରଥା ଶୀଘ୍ର ସମାପ୍ତ ବି ହୋଇଯାଏ, କାରଣ ପ୍ରତ୍ୟେକ ସମ୍ବନ୍ଧ ନିଃଶ୍ୱାସ ପ୍ରଶ୍ୱାସ ଚଳପ୍ରଚଳ ହେଉଥିବା ପର୍ଯ୍ୟନ୍ତ ସୁରକ୍ଷିତ ରହିଥାଏ ।

ଆଜି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଏତେ ଅଧିକ ସୁଖ- ସୁବିଧା ଦେଉଛନ୍ତି ଯେ ତାହାର ରୋଜଗାରରେ କାହାରିକୁ କାହାର ରକ୍ଷା କରିବା ଦରକାର ନାହିଁ । ସମସ୍ତେ ଧନ କରି ନିଜର ସୁରକ୍ଷା ବ୍ୟବସ୍ଥା କରାଇ ନିଅନ୍ତି, ଏକଥା ଠିକ୍, କିନ୍ତୁ ପରମ୍ପରାର ସୁସ୍ଥ ରୂପ ସର୍ବଦା ମାନବତାର ରକ୍ଷାର ସୂତ୍ର ହୋଇ ରହିଛି ; ଯେଉଁଥିରେ ବନ୍ଧା ସମସ୍ତ ସମ୍ବନ୍ଧ ନିଜ ନିଜ ସୁସ୍ଥ ମାନସିକତା ସହିତ ବିକଶିତ ହୋଇଥାଏ । ରକ୍ଷାବନ୍ଧନର ଏହି ପାବନ ସୂତ୍ର ସିଦ୍ଧାନ୍ତଗୁଡ଼ିକୁ ଗ୍ରହଣ କରି ଏହି ପର୍ବକୁ ପୁନଶ୍ଚ ଜୀବନ୍ତ କରିବା ଉଚିତ । ଏହିପରି ଆମେ ଏହି ପର୍ବକୁ ସାର୍ଥକ କରି ପାରିବା ।

## ଟିକିଏ ହସନ୍ତୁ

ପପୁ ମା'ଙ୍କୁ:ମାମା, ମୁଁ ଟିଭି ଦେଖି ଦେଖି ହୋମୱାର୍କ କରିବି ।
ମା' : ହଉ ଠିକ୍ ଅଛି ।
ପପୁ : ଥାଙ୍କ ୟୁ...
ମାମା : ଟିଭିକୁ ଦେଖିବୁ, ହେଲେ ତାକୁ ଅନ୍ କରିବୁନି ।

× × ×

ଥରେ ହାତୀ ଓ ପିମ୍ପୁଡି ଭିତରେ ପ୍ରେମ ହେଇଗଲା । ପରେ ବିବାହ ବି ହେଲା ।
ହେଲେ ବିବାହ ପରଦିନ ହାତୀ ମରିଗଲା ।
ପିମ୍ପୁଡି : ହେ ଭଗବାନ, ଏ କ'ଣ କଲ । ଗୋଟିଏ ଦିନର ସ୍ୱାମୀ କରି, ଜୀବନ ଯାକର କବର ଖୋଳା କାମ ଦେଇଦେଲ ।

× × × × ×

ଯୁବକ ଯୁବତୀଙ୍କୁ : ମେଘ ଗରଜିଲେ ତୁମ କଥା ମନେ ପଡୁଛି, ବର୍ଷା ହେଲେ ତୁମ କଥା ମନେ ପଡୁଛି, ବର୍ଷାର ପ୍ରତି ବୁନ୍ଦାରେ ବି ତୁମ କଥା ମନେ ପଡିଯାଉଛି ।
ଯୁବତୀ : ହଁ, ଜାଣିଛି କାହିଁକି ମନେପଡୁଛି । ତୁମ ଛତାଟା ମୋ ପାଖରେ ରହିଯାଇଛି ନା । ଫେରେଇ ଦେବି, ଏମିତି ଛାନିଆ ହୁଅନା ।

× × × ×
×



ପପୁ ପ୍ରଥମ ଥର ଏକ ଝିଅ ସହ ଘରକୁ ଆସିଥାଏ । ଏହା ଦେଖି
ବାପା : ଇଏ କିଏ ?
ପିପୁ : ମୋ ଗର୍ଲଫ୍ରେଣ୍ଡ ।
ବାପା : ଓଃ ।
କିଛିଦିନ ପରେ ପପୁ ଆଉ ଏକ ଝିଅକୁ ନେଇ ଘରକୁ ଆସିବାରୁ ବାପା : ଇଏ ପୁଣି କିଏ ?
ପପୁ : ରିସ୍ତା ୱହି, ଲଡକି ନୟି ।

× × × × ×

ରାଜେଶ ସବୁଦିନ ନୂଆ ନୂଆ ଜୋତା ପିନ୍ଧି କାମକୁ ଯାଉଥାଏ ।
ଏହା ଦେଖି ତା ସାଙ୍ଗମାନେ ଦିନେ ପଚାରିଲେ : ଆରେ ରାଜେଶ, ତୁ ସବୁଦିନ ନୂଆ ଜୋତା ପିନ୍ଧିକି ଆସୁଛୁ ।
ନୂଆ ଜୋତା ଦୋକାନ ଖୋଲିଛୁ ନା କ'ଣ ?
ରାଜେଶ : ନାଇଁ ମ । ଆମ ଘର ପାଖରେ ଗୋଟେ ନୂଆ ମନ୍ଦିର ହେଇଛି ।

× × × ×

ଶିକ୍ଷକ ମଣ୍ଟୁକୁ : ଏତେଦିନ ହେବ ସ୍କୁଲ କାହିଁକି ଆସୁ ନ ଥିଲୁ ?
ମଣ୍ଟୁ : ବାର୍ଡ ଫ୍ଲୁ ହେଇ ଯାଇଥିଲା ।
ଶିକ୍ଷକ : କ'ଣ ବାର୍ଡ ଫ୍ଲୁ ! ଏଇ ରୋଗ ତ ପକ୍ଷୀଙ୍କୁ ହୁଏ ।
ମଣ୍ଟୁ- ଆପଣ ମତେ କ'ଣ ଆଉ ମଣିଷ କରି ରଖିଛନ୍ତି । ସବୁଦିନ ତ କୁକୁଡା କରି ଦେଉଛନ୍ତି ।

## ସେଓର ଉପକାରିତା

**କ**ଥାରେ ଅଛି, ପ୍ରତିଦିନ ଗୋଟିଏ ସେଓ ଖାଆନ୍ତୁ ତେବେ ଡାକ୍ତରଙ୍କ ପାଖକୁ ଆଉ ଯିବାକୁ ପଡିବ ନାହିଁ । ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ସହ ଏହାର ଗଭୀର ସମ୍ପର୍କ ରହିଛି । ଏହା କେବଳ ସ୍ୱାସ୍ଥ୍ୟ ବର୍ଦ୍ଧକ ନୁହେଁ ବରଂ, ସୌନ୍ଦର୍ଯ୍ୟବର୍ଦ୍ଧକ ମଧ । ଏଥିରେ ଫସଫରସ୍, ପୋଟାସିୟମ, ଗ୍ଲୁକୋଜ, କାର୍ବୋହାଇଡ୍ରେଟ୍, ଲୌହ, ଇଥର ଓ ପୌଷ୍ଟିକ୍ ତତ୍ତ୍ୱ ଥାଏ । ସେଓର ଚୋପାରେ ମଧ ଅଧିକ ଭିଟାମିନ୍ ରହିଥାଏ । ଏହି ଚୋପାରେ କେତେକ ମହତ୍ତ୍ୱପୂର୍ଣ୍ଣ କ୍ଷାର ଅଛି ଯାହା ମାନବ ଶରୀର ପାଇଁ ଅମୃତ ସମାନ । ପ୍ରତିଦିନ ଗୋଟିଏ ସେଓ ଖାଇ କ୍ଷୀର ପିଅନ୍ତୁ । ଚେହେରାରେ ଚମକ୍ ଆସିବା ସହ ଏହା ତ୍ୱଚାର ରଙ୍ଗ ବି ଉଜ୍ୱଳ କରିବ ।

ସେଓକୁ ଛେଚି ତା'ର ରସ ମୁହଁରେ ଲଗାଇଲେ ଏହା ଟୋନିଂ ଓ ଏଷ୍ଟ୍ରିଜେଣ୍ଟର ପ୍ରଭାବ ପକାଏ ଓ ଏହା ସମ୍ବେଦନଶୀଳ ଓ ଗୋରା ତ୍ୱଚା ପାଇଁ ଉପଯୁକ୍ତ ।

ସେଓକୁ ଛେଚି ସେଥିରେ ମହୁ ଓ ଗ୍ଲିସେରିନ୍ ମିଶାଇ ଲଗାଇବାରେ ତ୍ୱଚାରୁ ରୁକ୍ଷତା, ସନବର୍ଣ୍ଣ ସମସ୍ୟା ଦୂର ହୋଇଥାଏ ।

ତ୍ୱଚାରେ ଉଜ୍ଜ୍ୱଳତା ଆଣିବା ପାଇଁ ସେଓକୁ କାଟି ଟିକିଏ ସିଝାଇ ଦିଅନ୍ତୁ । ତାପରେ ତାଙ୍କୁ ଦେହରେ ଘଷନ୍ତୁ ଓ ପରେ ଥଣ୍ଡାପାଣିରେ ଧୁଅନ୍ତୁ ।



ସେଓ ରସରେ ୨/୪ ବୁନ୍ଦା ଗୋଲାପଜଳ ମିଶାଇ ଲଗାଇଲେ ଶାବନା ରଙ୍ଗ ଗୋରା ହେବ ।

ସେଓକୁ କଞ୍ଚା କ୍ଷୀର ଦେଇ ବାଟି ଦିଅନ୍ତୁ । ଏହାକୁ ଚେହେରାରେ ଲଗାନ୍ତୁ । ତୈଳୀୟ ତ୍ୱଚା ପାଇଁ ଏହା ଭଲମାକ୍ସ ରୂପେ କାମ କରେ । ଖାଲି ସେଓ ରସ ମୁହଁରେ ଲଗାଇଲେ ମଧ ଭଲ । ସେଓ ରସରେ ମୁଲତାନୀ ମାଟି, ବାଦାମରେଗନ କିଛି ବୁନ୍ଦା ପକାଇ ମିଶାଇ ଲଗାନ୍ତୁ । ଏହାଦ୍ୱାରା ତ୍ୱଚାରେ ଉଜ୍ୱଳତା ଆସିଥାଏ ସେଓ ଚୋପାକୁ ନ ଫୋପାଡି ଚର୍ମ ପରିଷ୍କାର ପାଇଁ ରଖନ୍ତୁ । ସେଓ ଚୋପାର ଭିତର ଅଂଶକୁ ସାଧାରଣ ତ୍ୱଚାରେ ଘଷନ୍ତୁ । ଏହା ଶୁଖିଯିବା ପରେ ଧୋଇ ଦିଅନ୍ତୁ । ଏହା ଚର୍ମକୁ ସତେଜ ରଖିବାରେ ସାହାଯ୍ୟ କରିଥାଏ ।

## ନଡ଼ିଆ ଖାଇ ସୁସ୍ଥ ରହନ୍ତୁ

**ଉ**ପକୂଳ ଅଞ୍ଚଳରେ ଉତ୍ତମ ଭାବେ ବଢୁଥିବା ନଡ଼ିଆ ଗଛର ଶ୍ରୀଫଳ କୌଣସି ମହୌଷଧି ଠାରୁ କମ୍ ନୁହେଁ ପ୍ରାଚୀନ ଭାରତୀୟ ବିଶେଷଜ୍ଞମାନେ ଅନେକ ବର୍ଷ ପୂର୍ବରୁ ସ୍ପଷ୍ଟ କରିଛନ୍ତି । ତେବେ ଗତ କିଛି ବର୍ଷ ମଧରେ ଅନ୍ୟାନ୍ୟ ଫଳ ତୁଳନାରେ ନଡ଼ିଆର ଲୋକପ୍ରିୟତା ସାମାନ୍ୟତମ ହ୍ରାସ ପାଇଥିଲା । ଭାରତର ବିଭିନ୍ନ ପ୍ରାନ୍ତରଲୋକେ କେଶ ଝଡ଼ା ନିମନ୍ତେ 'କାଲିଫର୍ଣ୍ଣିଆ ଆଲମଣ୍ଡ' ଖାଇବାକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ନଡ଼ିଆ ଯେ ଏହାକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବ, ସେକଥା ସମ୍ପୂର୍ଣ୍ଣ ଭାବେ ପାଶୋରି ଯାଇଛନ୍ତି ।

ଏଥିରେ ଥିବା ବିଭିନ୍ନ ପ୍ରକାର ତତ୍ତ୍ୱ ଶରୀରର କୋଲଷ୍ଟୋରେଲକୁ ନିୟନ୍ତ୍ରଣ କରିବା ସହ ତୁରନ୍ତ ଶକ୍ତି ଯୋଗାଇଥାଏ ।



ଏଣୁ ଖେଳାଳିମାନେ ବିଭିନ୍ନ ପ୍ରକାର ଦାମୀ ପାନୀୟ ପିଇବା ବଦଳରେ ନଡ଼ିଆ ପାଣି ପିଇବା ହିତକାରୀ ।


ନଡ଼ିଆରେ ଥିବା ଲାଉରିକ୍ ଏସିଡ୍' ହୃଦଯନ୍ତ୍ର ପାଇଁ ଖୁବ୍ ଭଲ । ଏହା ସହ ମେଦବହୁଳ ରୋଗୀ ନଡିଆ ଖାଇଲେ ସେମାନଙ୍କ ଚର୍ବି ଶୀଘ୍ର କମ୍ ହୋଇଥାଏ ବୋଲି ବିଭିନ୍ନ ପରୀକ୍ଷାରୁ ଜଣାପଡିଛି ।

ମଧୁମେହ ରୋଗୀଙ୍କୁ 'ଲୋ ଗ୍ଲାଇସେମିକ୍ସ ଇଣ୍ଡେକ୍ସ' ଯୁକ୍ତ ଖାଦ୍ୟପାନୀୟ ସେବନ କରିବାକୁ ପରାମର୍ଶ ଦିଆଯାଏ । ନଡ଼ିଆକୁ ସେମାନେ ନିଜ ଭୋଜନରେ ସାମିଲ କରାଇବା ଏଥି ନିମନ୍ତେ ହିତକାରୀ ।

ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିବା ନିମନ୍ତେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ଏଇ ଶ୍ରୀଫଳରେ ଅଛି । ଆମ ଦେଶରେ କେବଳ କେରଳବାସୀ ବର୍ତ୍ତମାନ ପର୍ଯ୍ୟନ୍ତ ନଡ଼ିଆ ତେଲର ଉପଯୋଗ କରି ଆସୁଛନ୍ତି । ଅନ୍ୟ ପ୍ରାନ୍ତରେ 'ଭର୍ଜିନ୍ ଅଲିଭ ତେଲ' 'ରିଫାଇନ୍ ତେଲ'ର ଲୋକପ୍ରିୟତା ବଢ଼ିଚାଲିଥିଲା ବେଳେ ସେମାନେ କିନ୍ତୁ ଶୁଦ୍ଧ ନଡ଼ିଆ ତେଲର ଉପଯୋଗ କରି ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି । ଭାରତର ଅନ୍ୟ ପ୍ରାନ୍ତ ତୁଳନାରେ କେରଳରେ ହୃଦରୋଗୀଙ୍କ ସଂଖ୍ୟା ଅପେକ୍ଷାକୃତ କମ୍ ବୋଲି ସର୍ବେକ୍ଷଣରୁ ଜଣାପଡିଛି ।

## ଆପଣ ଜାଣନ୍ତି କି ?

- ଯୁକ୍ତରାଷ୍ଟ୍ର ଆମେରିକାର ଜଙ୍ଗଲରେ ସବୁଠାରୁ ଅଧିକ ହିଂସ୍ର ବାଘ ଦେଖାଯାନ୍ତି ।
- ଜନ୍ମ ସମୟରେ ଏକ ସପ୍ତାହ ପର୍ଯ୍ୟନ୍ତ ବାଘଶାବକ ଅନ୍ଧ ଥାଆନ୍ତି ।



- ବାଘର ଲାଳରେ ଆଣ୍ଟିସେପ୍ଟିକ୍ ଗୁଣ ରହିଛି ।
- ଏମାନଙ୍କର ଆୟୁସୀମା ୨୫ ବର୍ଷ ଅଟେ ।
- ଅଧିକାଂଶ ବାଘଙ୍କର ଆଖିର ରଙ୍ଗ ହଳଦିଆ ହୋଇଥାଏ ।
- ପ୍ରତ୍ୟେକ ବାଘ ୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ଲମ୍ଫ ପ୍ରଦାନ କରିପାରନ୍ତି ।
- ଅନ୍ୟ ଖାଦ୍ୟ ଅପେକ୍ଷା ଗାଈ କ୍ଷୀର କେତେକ ଲୋକଙ୍କ ପାଇଁ ଆଲର୍ଜି ସାବ୍ୟସ୍ତ ହୋଇଥାଏ ।
- ଟିଭି ଦେଖିବା ଅପେକ୍ଷା ଶୋଇଲେ ଅଧିକ କ୍ୟାଲୋରୀ ଜାତ ହୋଇଥାଏ ।
- ମୁଣ୍ଡରେ ସାଧାରଣତଃ ୨୨ ଟି ହାଡ଼ ଥାଏ ।
- ଆମେ ଦିନକୁ ୨୩,୦୦୦ ଥର ଶ୍ୱାସକ୍ରିୟା ସମ୍ପାଦନ କରିଥାଉ ।
- ମଣିଷ ଶରୀରର ସାଧାରଣ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ।
- ମଣିଷ ଶରୀରର ବାମ ଫୁସ୍‌ଫୁସ୍ ଅପେକ୍ଷା ଡାହାଣ ଫୁସ୍‌ଫୁସ୍ ଅଧିକ ବାୟୁ ଗ୍ରହଣ କରିଥାଏ ।
- ବାଘର ମସ୍ତିଷ୍କର ଓଜନ ହେଉଛି ୩୦୦ ଗ୍ରାମ୍ ।
- ଏମାନଙ୍କର ସ୍ମୃତି ଶକ୍ତି ଅତ୍ୟନ୍ତ ଦୁର୍ବଳ ।

## ସ୍ୱାସ୍ଥ୍ୟୋପୋକାରୀ ପିଆଜ

**ବି**ଶେଷ ଭାବରେ ଫାଷ୍ଟଫୁଡ ଜାତୀୟ ଖାଦ୍ୟ ପ୍ରସ୍ତୁତିରେ ପିଆଜର ଆବଶ୍ୟକ ପଡିଥାଏ । ଅନେକ ଖାଦ୍ୟର ସ୍ୱାଦକୁ ଏହା ବଢ଼ାଇ ଦେଇଥାଏ । ଏଥିରେ ଅନେକ ସ୍ୱାସ୍ଥ୍ୟୋପୋକାରୀ ଗୁଣ ଭରି ରହିଛି । ପିଆଜରେ ସଲଫର କମ୍ପାଉଣ୍ଡ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ତତ୍ତ୍ୱ ଭରି ରହିଛି । ଏହା ଶରୀରର ଭିତର ଭାଗକୁ ଦୃଢ଼ କରିବା ସହ ଶାରୀରିକ ଦୁର୍ବଳତା ଦୂର କରିଥାଏ ।



ଆମ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ପିଆଜ ସହାୟକ ହୋଇଥାଏ ।

ଏଥିରେ କ୍ୟାନସର ସହ ଲଢ଼ିବାର ଶକ୍ତି ରହିଛି ବୋଲି ଆମେରିକାର କ୍ୟାନସର ବିଶେଷଜ୍ଞମାନେ ସଦ୍ୟତମ ଗବେଷଣାରୁ ଜାଣିପାରିଛନ୍ତି ।

ଆପଣ ଅଲସରଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ନିୟମିତ ପିଆଜ ଖାଇଲେ ସେଥିରୁ କେତେକାଂଶରେ ଉପଶମ ମିଳିଥାଏ ।

ପିଆଜରେ ଭିଟାମିନ୍ ଏ, ଇ, ସି ପ୍ରଚୁର ମାତ୍ରାରେ ଭରି ରହିଛି । ଏହାକୁ ନିୟମିତ ଖାଇଲେ ଚର୍ମରେ ଚମକ୍ ଆସିଥାଏ । ପିଆଜ ଖାଇଲେ ତାହା ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଏ ।

## ପୋଇ ଶାଗର ଲାଭ

**ଅ**ଧିକ ପରିମାଣରେ ନାଇଟ୍ରେଟ ଥିବା ପୋଇ ଖାଇଲେ ଏହା ଖେଳକୁଦ, କସରତ ପାଇଁ ଦେହକୁ ଶକ୍ତି ଯୋଗାଏ । ବିଶେଷକରି ପର୍ବତାରୋହଣ ଭଳି ଉଚ୍ଚସ୍ଥାନରେ ଅର୍ଥାତ୍ ଅମ୍ଳଜାନ କମ୍ ରହୁଥିବା ସ୍ଥାନରେ ଏହା ଶରୀରକୁ ସକ୍ରିୟ କରିଥାଏ ବୋଲି ଏକ ନୂଆ ଅଧୟନରୁ ଜାଣିବାକୁ ମିଳିଛି । ବେଲଜିୟମସ୍ଥିତ ଲିଉଭେନ୍ ୟୁନିଭର୍ସିଟିର ଗବେଷକମାନେ ୨୭ ଜଣ ତାଲିମପ୍ରାପ୍ତ ବ୍ୟକ୍ତିଙ୍କୁ ନେଇ ଏକ ଅଧୟନ କରିଥିଲେ । ସେମାନଙ୍କୁ ସ୍ପ୍ରିଣ୍ଟ ଇଣ୍ଟରଭାଲ୍ ଟ୍ରେନିଂ ପୂର୍ବରୁ ନାଇଟ୍ରେଟ୍ ସପ୍ଲିମେଣ୍ଟ ଥିବା ଖାଦ୍ୟ ଦିଆଗଲା । ଖୁବ୍ କମ୍ ସମୟ ପାଇଁ ସେମାନଙ୍କୁ ଦ୍ରୁତଗତିରେ ସାଇକେଲ୍ ଚାଳନା କରିବାକୁ କୁହାଗଲା । ପ୍ରତି ସପ୍ତାହରେ ଏପରି ୩ ଥର କରିବାକୁ କୁହାଗଲା । ପୋଇ ଭଳି ସବୁଜ ପତ୍ରବହୁଳ ପରିବାରେ ସାଧାରଣତଃ ଅଧିକ ପରିମାଣରେ ନାଇଟ୍ରେଟ୍ ମିଳେ । ବିଶେଷକରି ଶାରୀରିକ କସରତ ବେଳେ ନାଇଟ୍ରେଟ୍ ଏକ ଉତ୍ତମ ସହାୟକ ଭାବରେ କାର୍ଯ୍ୟ କରେ । ସ୍ୱାଭାବିକ ଅମ୍ଳଜାନ ଥିବା ଏବଂ ଅତି ଉଚ୍ଚତାରେ କମ୍ ଅମ୍ଳଜାନ ଥିବା ପରିସ୍ଥିତିରେ କାର୍ଯ୍ୟକରୁଥିବା ଲୋକଙ୍କ ମଧରେ ପାର୍ଥକ୍ୟ ଜାଣିବାକୁ ଗବେଷକମାନେ ଆଗ୍ରହୀ ହେଲେ । ସେମାନେ ଦେଖିବାକୁ ପାଇଲେ ଯେ, ପୋଇ ଖାଉଥିବା ଲୋକଙ୍କର ମସଲ୍ ଫାଇବର କମ୍ପୋଜିଶନ ପାଞ୍ଚ ସପ୍ତାହ ପରେ ବୃଦ୍ଧି ପାଉଛି । ଏହା ସମ୍ଭବତଃ ଶାରୀରିକ ତାଲିମ ଭଳି କାର୍ଯ୍ୟରେ ସହାୟକ ହେବା ସହିତ ମସଲ୍ ଫାଇବର କମ୍ପୋଜିଶନକୁ ପରିବର୍ତ୍ତନ କରିଥାଏ ବୋଲି ଲିଉଭେନ୍ ୟୁନିଭର୍ସିଟିର ଆଥଲେଟିକ୍ ପରଫରମାନ୍ସ ସେଣ୍ଟରର ପ୍ରଫେସର ପିଟର ହେସପେଲ୍ ପ୍ରକାଶ କରିଛନ୍ତି । କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିବା ଖେଳାଳିମାନେ ଅଧିକ ଶକ୍ତି ଆବଶ୍ୟକ କରୁଥିବା ବେଳେ କମ୍ ପରିମାଣର ଅମ୍ଳଜାନ୍ ପାଇଥାଆନ୍ତି । ତେବେ ଏହି ନିଷ୍କର୍ଷ ସେମାନଙ୍କ ପାଇଁ ପ୍ରେରଣାଦାୟକ ହେବ ବୋଲି ଗବେଷକମାନେ କହିଛନ୍ତି ।



## କହିପାରିବେ କି ?

(୧) ଆର୍ଯ୍ୟ ସମାଜର ସ୍ଥାପନା କିଏ କରିଥିଲେ ?
(୨) କେଉଁ ରୋଗ ଲାଗି ଇନସୁଲିନ୍ ବ୍ୟବହାର ହୋଇଥାଏ ?
(୩) କାଗଜର ଆବିଷ୍କାର କେଉଁ ଦେଶରେ ହୋଇଥିଲା ?
(୪) ଗୌତମବୁଦ୍ଧଙ୍କ ପିଲାଦିନର ନାଁ କ'ଣ ?
(୫) ପୋଙ୍ଗଲ କେଉଁ ରାଜ୍ୟର ପର୍ବ ?
(୬) ଓଡ଼ିଶାର ସମୁଦାୟ କେତୋଟି ଲୋକସଭା ଆସନ ରହିଛି ?
(୭) ଓଡ଼ିଶାର ମୋଟ ସାକ୍ଷରତା ହାର କେତେ ପ୍ରତିଶତ ?
(୮) କ୍ଷେତ୍ରଫଳ ଦୃଷ୍ଟିକୋଣରୁ ଭାରତରେ ଓଡ଼ିଶାର ସ୍ଥାନ କେତେ ?
(୯) ଜନସଂଖ୍ୟା ଦୃଷ୍ଟିକୋଣରୁ ଭାରତରେ ଓଡ଼ିଶାର ସ୍ଥାନ କେତେ ?
(୧୦) ଓଡ଼ିଶାରେ କେତୋଟି ଜାତୀୟ ଉଦ୍ୟାନ ଓ କୋତୋଟି ବନ୍ୟଜନ୍ତୁ ଅଭୟାରଣ୍ୟ ରହିଛି ?

### JUMBLE WORDS

| | | | |
|---|---|---|---|
| 1) INNOO | = | 6) AUGGE | = |
| 2) STIHO | = | 7) UAOARR | = |
| 3) GETIHW | = | 8) MHRAEM | = |
| 4) TREATO | = | 9) TUMHO | = |
| 5) WRNCO | = | 10) NUYFN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଆବ୍ରାହମ ଲିଙ୍କନ୍, ୨.ମିଚେଲ୍ ଚାଙ୍ଗ୍, ୩.ଗିରଫଂଦାର, ୪.ପ୍ରିୟଙ୍କା ଚୋପ୍ରା, ୫.ଜେମ୍ସ ଆଇଭରିଙ୍କ 'ଦ ଡିସିଭର୍ସ', ୬. ରବିନ୍ଦ୍ର ଜାଡ଼େଜା, ୭.ଡ଼େଭିଡ଼୍ ଧାୱନ, ୮.ହିନା ସିନ୍ଧୁ, ୯. ପିଟର ଉଷ୍ଟି, ୧୦.ଆଇଆଇଏମ କଲିକତା ।

***Jumble Words*** ର ଉତ୍ତର **:-**

(1) YELLOW (2) IMPEDE (3) HURRY (4) AUDIO (5) UNWISE (6) FACADE (7) FACET (8) ARENA (9) HEYDAY (10) ABACUS

# ଶିଳ୍ପାୟନ ନାମରେ ୫ ହଜାର ୪୨୭ ଏକର ଜଙ୍ଗଲ ଧ୍ୱଂସ

ସମ୍ବଲପୁର : ସମ୍ବଲପୁର-ଝାରସୁଗୁଡ଼ା ମଧବର୍ତ୍ତୀ ଅଞ୍ଚଳରେ କଳ କାରଖାନା ବସାଇବା ପାଇଁ ଦୁଇଦଶନ୍ଧି ମଧରେ ବ୍ୟାପକ ଜଙ୍ଗଲ ଧ୍ୱଂସ କରାଯାଇ ଅଞ୍ଚଳର ସବୁଜିମାକୁ ନଷ୍ଟ କରି ଦିଆଯାଇଛି । ବିସ୍ତୀର୍ଣ୍ଣ ଜଙ୍ଗଲକୁ ପଦା କରି ଶିଳ୍ପାୟନ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଚିତ୍ର ବଦଳାଇବା ସହ ଏହାକୁ ଏକ ଅତ୍ୟନ୍ତ ପ୍ରଦୂଷିତ ଓ ଅଗ୍ନି ପିଣ୍ଡରେ ପରିଣତ କରିସାରିଛି ।

ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ଅଞ୍ଚଳରେ ଶିଳ୍ପ କାରଖାନା ନିର୍ମାଣ ଧାରା ଆରମ୍ଭ ମାତ୍ରେ ପ୍ରଥମେ ୫ ହଜାର ୪୨୭ ଏକର ଜଙ୍ଗଲ ଧ୍ୱଂସ କରାଯାଇ ୯୪ ହଜାର ୭୧୩ ଗଛ କଟାଯାଇଥିଲା । ସେହି ଜାଗାରେ ଭୂଷଣ ଷ୍ଟିଲ୍ କାରଖାନା, ଆଦିତ୍ୟ ଆଲୁମିନା, ଶ୍ୟାମ ମେଟାଲିକ୍ସ ଓ ଆର୍ଯ୍ୟାନ ଇସ୍ପାତ ଆଦି କାରଖାନା ପ୍ରତିଷ୍ଠା କରାଗଲା । ଭୂଷଣ ପାଇଁ ୧୮୬.୧୮ ଏକର, ଆଦିତ୍ୟ ଆଲୁମିନା ପାଇଁ ୨୯୪.୭୧ ଏକର, ଶ୍ୟାମ ମେଟାଲିକ୍ସ ପାଇଁ ୯୪.୮୭ ଏକର ଜଙ୍ଗଲ ଧ୍ୱଂସ କରାଗଲା । ଦ୍ୱିତୀୟ ପର୍ଯ୍ୟାୟରେ ହିଣ୍ଡାଲକୋ କୋଇଲା ଖଣି ପାଇଁ ଆହୁରି ୧୨୨ ଏକର ଜଙ୍ଗଲ ପଦା କରି ଦିଆଗଲା । ଏବେ ତୃତୀୟ ପର୍ଯ୍ୟାୟରେ କେନ୍ଦ୍ର ସରକାରଙ୍କ ନବରତ୍ନ ଗ୍ରୁପ୍ କମ୍ପାନି ଏନ୍ଏଲ୍ସି ତଳାବିରା-୨ ଓ ତଳାବିରା-୩ କୋଇଲା ଖଣି ପାଇଁ ଆହୁରି ୧ ଲକ୍ଷ ୫୪ ହଜାର ମୂଲ୍ୟବାନ ଗଛ କଟା ଚାଲିଛି । ତଳାବିରା କୋଇଲା ଖଣି ପାଇଁ ସର୍ବାଧିକ ୪୭୨୯.୬୫୦ ଏକର ମିଶି ମୋଟ୍ ୫୪୨୭.୪୧ ଏକର ଜଙ୍ଗଲ ଧ୍ୱଂସ କରାଯାଇଛି । ବ୍ୟାପକ ଜଙ୍ଗଲ ଧ୍ୱଂସ ଓ କୋଇଲା ପ୍ରଦୂଷଣ ଯୋଗୁଁ ସବୁଜିମା ଓ ଜୈବ ବିବିଧତା ନଷ୍ଟ ହେବା ସହ ପାଣିପାଗ ଉପରେ ମଧ କୁପ୍ରଭାବ ପଡ଼ିଛି । ଖରା ଦିନେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଅସ୍ୱାଭାବିକ ଭାବେ ତାପମାତ୍ରା ବୃଦ୍ଧି ହେଉଛି ।

ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଭୂଷଣ କାରଖାନା ପ୍ରତିଷ୍ଠା ପାଇଁ ୧୪୬.୧୮ ଏକର ଜଙ୍ଗଲର ୨୦,୮୬୨ଟି ବଡ଼ଗଛ, ୫୪୨୩ଟି ବୁଦା ଓ ୧୯ ହଜାର ୪୭ଟି ଗଣ୍ଡି ନଷ୍ଟ କରାଯାଇଥିଲା । ଆଦିତ୍ୟ ଆଲୁମିନା କାରଖାନା ପାଇଁ ୨୯୪.୭୧ ଏକର ଗ୍ରାମ୍ୟ ଜଙ୍ଗଲରେ ଥିବା ୪୭ ହଜାର ୧୨୧ଟି ଗଛ ଓ ବୁଦା କଟା ଯାଇଥିଲା । ଶ୍ୟାମ ମେଟାଲିକ୍ସ କାରଖାନା ନିର୍ମାଣ ପାଇଁ ୯୪ ଏକର ୮୭ ଡେସିମିଲ ଗ୍ରାମ୍ୟ ଜଙ୍ଗଲରେ ଥିବା ୯୦୫ ପ୍ରଜାତିର ୯ଟି ବଡ଼ ଗଛ, ୧୨୬୫ଟି ମଧମ ଉଚ୍ଚତା ବିଶିଷ୍ଟ ଗଛ, ୬୫୪ଟି ବୁଦା ଓ ୫୦ଟି ବଡ଼ ବାଉଁଶ ବୁଦା କାଟି ନଷ୍ଟ କରାଯାଇଛି । ତଳାବିରାଠାରେ ହିଣ୍ଡାଲକୋ କୋଇଲା ଖଣି ଖୋଳାଯିବାକୁ ୧୨୨ ଏକର ଗ୍ରାମ୍ୟ ଜଙ୍ଗଲ ନିଶ୍ଚିହ୍ନ କରି ଦିଆଯାଇଛି । ଭୂଷଣ କାରଖାନା ଯୋଗୁଁ ନଷ୍ଟ ହୋଇଥିବା ଜଙ୍ଗଲର କ୍ଷତି ଭରଣା ପାଇଁ ବାରଡୁଙ୍ଗୁରିରେ ୧୨.୨୦ ହେକ୍ଟର ବ୍ରାହ୍ମଣୀପାଲିରେ ୩୫.୨୪ ହେକ୍ଟର ଓ ଖଡ଼ିଆପାଲିରେ ୧୧.୭୨ ହେକ୍ଟର ଜମିରେ ଚାରା ଲଗାଯାଇଥିଲେ ମଧ ନଷ୍ଟ କରାଯାଇଥିବା ଜଙ୍ଗଲର ବ୍ୟାପକତା ସହ ତୁଳନା କଲେ ତାହା ସମୁଦ୍ରକୁ ଶଙ୍ଖେ ପାଣି ଭଳି । ଆଦିତ୍ୟ ଆଲୁମିନା କାରଖାନା ବସାଇବା ପାଇଁ ନଷ୍ଟ କରାଯାଇଥିବା ଜଙ୍ଗଲର କ୍ଷତି ଭରଣା କରିବାକୁ ସ୍ଥାନୀୟ ଅଞ୍ଚଳରେ ନୂଆ ଜଙ୍ଗଲ ସୃଷ୍ଟି କରାନଯାଇ ସୁଦୂର ରେଢ଼ାଖୋଲ ଡିଭିଜନରେ ଗଛ ଲଗାଯିବା ସରକାରୀ ଯୋଜନାର ବିଚିତ୍ର ନୀତିକୁ ଉଜାଗର କରୁଛି ।

ହିଣ୍ଡାଲକୋ କୋଇଲା ଖଣି ଯୋଗୁଁ ନଷ୍ଟ ହୋଇଥିବା ଜଙ୍ଗଲ ପ୍ରତି ବଦଳରେ ବାରଡୁଙ୍ଗୁରି, ଜଙ୍ଗଲା, ତଳାବିରା, ନୂଆତିଲିଙ୍ଗି ଆଦି ଗାଁରେ ଗଛ ଲଗାଯାଇଛି ବୋଲି ବନ ବିଭାଗର ରେକର୍ଡ କହୁଛି । ଏବେ ତଳାବିରା-୨ ଓ ତଳାବିରା-୩ କୋଇଲା ଖଣି ପାଇଁ କଟାଯାଉଥିବା ୧ ଲକ୍ଷ ୫୩ ହଜାର ଗଛ ବଦଳରେ ନୂଆଁ ଜଙ୍ଗଲ ସୃଷ୍ଟି କରିବା ପାଇଁ ପ୍ରକ୍ରିୟା ଆରମ୍ଭ ସୁଦ୍ଧା ହୋଇନାହିଁ । ସ୍ଥାନୀୟ ଅଧିବାସୀଙ୍କ ଉଦ୍ୟମରେ ସଂରକ୍ଷିତ ଏହି ଜଙ୍ଗଲ ଏକଦା ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା । ଶିଳ୍ପାୟନ ଓ ତଳାବିରା-୨ ଖଣି ପାଇଁ ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍‌ର ତଳାବିରା ଓ ଖୁଣ୍ଟା ଜଙ୍ଗଲ ନଷ୍ଟ ହୋଇଥିବା ବେଳେ ତଳାବିରା-୩ ପାଇଁ ସମ୍ବଲପୁର ଜିଲ୍ଲାର ରେଙ୍ଗାଲି ବ୍ଲକ ସହ ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ରାମପୁର-ପତ୍ରାପାଲି ପଞ୍ଚାୟତ ଓ ମଲଦା ପଞ୍ଚାୟତର ଜଙ୍ଗଲ ନଷ୍ଟ ହୋଇଛି । ଯାହାକୁ ନେଇ ପରିବେଶବିତମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଏ ସମ୍ପର୍କରେ ବନବିଭାଗ କର୍ମଚାରୀଙ୍କ କହିବା ଅନୁସାରେ ବିକାଶ ପାଇଁ ଜଙ୍ଗଲ କଟାଯିବା ଅନିବାର୍ଯ୍ୟ । ତଥାପି ଏହାକୁ ଯେତେ କମ କରାଯାଇପାରିବ ତାହା କରାଯାଉଛି । ତା'ସହିତ କ୍ଷତିଭରଣା ପାଇଁ ସମାନ୍ତରାଳ ଭାବେ ବିକଳ୍ପ ଜଙ୍ଗଲ ମଧ ସୃଷ୍ଟି କରାଯାଉଛି ।

# ଜମିର ପ୍ରିମିୟମ ଓ ଖଜଣା ବାବଦରେ ଏମସିଏଲର ଆବେଦନ ସୁପ୍ରିମକୋର୍ଟରେ ଖାରଜ

ଝାରସୁଗୁଡ଼ା: ମହାନଦୀ କୋଇଲା ଖଣି (ଏମସିଏଲ) ଅଧିଗ୍ରହଣ କରିଥିବା ଜମିର ପ୍ରିମିୟମ ଓ ଖଜଣା ଅର୍ଥ ଭରିବା ପାଇଁ ପ୍ରଶାସନ ପକ୍ଷରୁ ଡିମାଣ୍ଡ ନୋଟିସ ବିରୋଧରେ ନ୍ୟାୟାଳୟକୁ ଯାଇଥିବା ବେଳେ କମ୍ପାନୀର ଆବେଦନ ଖାରଜ ହୋଇଛି । ଏମସିଏଲ ପୂର୍ବରୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିରାଶ ହେବା ପରେ ଦାଖଲ କରିଥିବା ପୁନର୍ବିଚାର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି । ଏମିତିରେ ଏମସିଏଲକୁ ଭୂ ଅଧିଗ୍ରହଣ ଦେୟ ବାବଦକୁ ଝାରସୁଗୁଡ଼ା ଜିଲାରେ ୬୦୦ କୋଟି ଟଙ୍କା ସହିତ ଏହାର ସମସ୍ତ କାର୍ଯ୍ୟକ୍ଷେତ୍ରରେ ପ୍ରାୟ ୨୦ହଜାର କୋଟି ଟଙ୍କାରୁ ଅଧିକ ପଇଠ କରିବାକୁ ପଡ଼ିବ ।

ସୂଚନାରୁ ପ୍ରକାଶ ଯେ, କେନ୍ଦ୍ର ସରକାର କୋଇଲା ଗଚ୍ଛିତ କ୍ଷେତ୍ର ଆଇନ ବା କୋଲ ବିଅରିଂ ଏରିଆ ଆକ୍ଟ (ସିବିଏ)-୧୯୫୭ ଧାରା ୯ ଅନୁସାରେ ତା. ୪.୯.୧୯୮୧ ମସିହାରେର ଝାରସୁଗୁଡ଼ା ଜିଲାର ଲଖିନପୁର ଓ ଝାରସୁଗୁଡ଼ା ସଦର ତହସିଲ ଅଞ୍ଚଳରେ ଭୂମି ଅଧିଗ୍ରହଣ କରିଥିଲେ । ତେବେ କମ୍ପାନୀ ଏହି ଆଇନ ଅନୁସାରେ ଭୂମି ଅଧିଗ୍ରହଣ କରିଥିବା ବେଳେ ସରକାରୀ ଭୂମିର ପ୍ରିମିୟମ ବାବଦକୁ ସରକାରଙ୍କୁ ଅର୍ଥ ପଇଠ କରି ନ ଥିଲା । ଅନୁରୂପ ଭାବେ ରୟତି ଜମି ପାଇଁ କ୍ଷତିଗ୍ରସ୍ତଙ୍କ ଠାରୁ ଭୂମି ଅଧିଗ୍ରହଣ କରିଥିଲେ । ଆଇନ ଅନୁସାରେ ସରକାରଙ୍କୁ ୨୫ବର୍ଷର ଖଜଣା ଦେବାକୁ ଥିଲେ ହେଁ ତାହା କରି ନ ଥିଲା । ତେବେ ତତ୍କାଳୀନ ସମ୍ବଲପୁର ଜିଲାପାଳ ଏହାକୁ ନେଇ ଆପତ୍ତି କରିବା ସହ ତା. ୧୫.୩.୧୯୮୪ ମସିହାରେ ପ୍ରିମିୟମ ବାବଦକୁ ୭୦ ଲକ୍ଷ ଓ କ୍ଷତିପୂରଣ ବାବଦକୁ ୪୦ଲକ୍ଷ ଟଙ୍କା ଜମା କରିବାକୁ ଡିମାଣ୍ଡ ନୋଟିସ ପଠାଇଥିଲେ । ପ୍ରଶାସନ ପକ୍ଷରୁ ବାରମ୍ବାର ଡିମାଣ୍ଡ ନୋଟିସ ପ୍ରେରଣ କରାଯିବାରୁ ଏମସିଏଲ ସିବିଏ ଆକ୍ଟ-୧୯୫୭ ଧାରା-୯ ଅନୁସାରେ ଏହି ସମସ୍ତ ଦେୟ ଛାଡ଼ କରିବା ପାଇଁ ହାଇକୋର୍ଟରେ ରିଟ ପିଟିସନ ଦାଖଲ କରିଥିଲା । ଏହାର ପ୍ରତିବାଦରେ ଏମସିଏଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମାନ୍ୟବର କୋର୍ଟ ୨୦୧୯ ଏପ୍ରିଲ ୨ ତାରିଖରେ ଏହି ମାମଲାର ଶୁଣାଣି କରି ଏମସିଏଲର ଆବେଦନ ଖାରଜ କରିବା ସହିତ ରାଜ୍ୟ ସରକାରଙ୍କୁ ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏମସିଏଲ ଏଥିରେ ଅସନ୍ତୁଷ୍ଟ ହୋଇ ସୁପ୍ରିମ କୋର୍ଟକୁ ଯାଇଥିଲା । ହେଲେ ସର୍ବୋଚ୍ଚ ନ୍ୟାୟାଳୟ ୨୦୨୩ ଜାନୁଆରୀ ୨୦ ତାରିଖ ଆବେଦନ ଖାରଜ କରିବା ସହିତ ହାଇକୋର୍ଟଙ୍କ ଆଦେଶକୁ କାୟମ ରଖିଥିଲେ । ଏହା ଫଳରେ ଏମସିଏଲ ସୁପ୍ରିମକୋର୍ଟରେ ପୁନର୍ବିଚାର ସକାଶେ ମିସେଲେନସ ଆପ୍ଲିକେସନ ଦାଖଲ କରିଥିଲା । ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରିବା ସହ ଅଧିଗୃହୀତ ଜମିର ମାପ, ଦେୟ ଓ ଖଜଣା ଆକଳନ ସଂକ୍ରାନ୍ତରେ ଉପଯୁକ୍ତ କର୍ତ୍ତୃପକ୍ଷ (ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ) ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି । ଏମସିଏଲ କେତେ ଏକର ସରକାରୀ ଜମି ଅଧିଗ୍ରହଣ କରିଛି ତାହାର ନିର୍ଦ୍ଦିଷ୍ଟ ରେକର୍ଡ ଏବେ ସୁଦ୍ଧା ନାହିଁ । ତେବେ ରାଜସ୍ୱ ବିଭାଗ ପକ୍ଷରୁ ଏବେ ଏହାର ଆକଳନ କରାଯାଉଥିଲେ ତାହା ଚୂଡ଼ାନ୍ତ ହୋଇ ନ ଥିବା କୁହାଯାଉଛି । ଅଦ୍ୟାବଧି କରାଯାଇଥିବା ଆକଳନରେ କମ୍ପାନୀ ଝାରସୁଗୁଡ଼ା ଜିଲାରେ ୨୪ ହଜାର ୪୮୯ ଏକର ଅଧିଗ୍ରହଣ କରିଛି । ଏଥିରୁ ସରକାରୀ ଜମି ୧୬ହଜାର ୪୩୮. ୩୯୧ ଏକର ଚିହ୍ନଟ କରାଯାଇଛି । ସେ ମଧରୁ କୋଲ ବିଅରିଂ ଆକ୍ଟରେ ୧୨ ହଜାର ୫୭୨. ୬୧ ଏକର ଅଧିଗ୍ରହଣ କରିଥିବା ବେଳେ ଖଣି ଓ ଖଣିଜ ବିକାଶ ନିୟମ (ଏମଏମଡିଆର)-୧୯୫୭ ଆଧରରେ ୩୮୬୫.୭୮୧ ଏକର ଅଧିଗ୍ରହଣ କରାଯାଇଛି । ଏବେ ଆକଳନ ଜାରି ରହିଛି ଏବଂ ଏହା ବଢ଼ିପାରେ ବୋଲି ରାଜସ୍ୱ ବିଭାଗ ସୂତ୍ରରୁ କୁହାଯାଇଛି । ତା ଛଡ଼ା ଉଭୟ ଆଇନରେ ୮୦୫୧.୮୬୯ ଏକର ଅଧିଗ୍ରହଣ କରାଯାଇଛି । ସରକାରୀ ଜମିର ପ୍ରିମିୟମ ଏବଂ ରୟତି ଜମିର ଖଜଣା ଆକଳନ ସହିତ ୧୨ ପ୍ରତିଶତ ଚକ୍ରବୃଦ୍ଧି ସୁଧ (କମ୍ପାଉଣ୍ଡ ଇଣ୍ଟରେଷ୍ଟ) ଯୋଡ଼ି ଏମସିଏଲ ଦେୟ ଆକଳନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏମସିଏଲ ଏହାବ୍ୟତୀତ ସୁନ୍ଦରଗଡ଼ ଜିଲା ଓ ତାଲଚେରଠାରେ ନିଜ ଖଣି କ୍ଷେତ୍ରର ଭୂମି ଅଧିଗ୍ରହଣ ବାବଦକୁ ମଧ ଅନୁରୂପ ଅର୍ଥ ପଇଠ କରିବ ।

# ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ

ସୁବର୍ଣ୍ଣପୁର: ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟିର ଏକ ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟ ଅଧୀନରେ ଅତି କମସଂଖ୍ୟକ ଗର୍ଭବତୀ ମାଁ ଙ୍କ ଅଲଟ୍ରା ସାଉଣ୍ଡ ପରୀକ୍ଷା ହେଉଥିବାରୁ ଜିଲ୍ଲାପାଳ ଉଦବେଗ ପ୍ରକାଶ କରିବା ସହ ଏହାକୁ ବୃଦ୍ଧି କରିବାକୁ ସମ୍ପୃକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତ । ଜିଲ୍ଲାରେ କନ୍ୟା ଶିଶୁ ଜନ୍ମ ହାର କମ୍ ରହୁଥିବାରୁ ଏହାର କାରଣ ଓ ନିରାକରଣ ନିମନ୍ତେ ଏକ ନିୟମିତ ଯାଞ୍ଚ କମିଟି ଗଠନ କରିବାକୁ ପରାମର୍ଶ ଦେଇଛନ୍ତି । ବିଭାଗୀୟ କାର୍ଯ୍ୟକ୍ରମର ସୁଫଳ ଯେପରି ସମସ୍ତ ହିତାଧିକାରୀଙ୍କ ପାଖରେ ସହଜ ଉପଲବ୍ଧ ହୋଇପାରିବ ସେଥି ନିମନ୍ତେ ଆବଶ୍ୟକ ପ୍ରଚାର ପ୍ରସାର ପାଇଁ ଜିଲ୍ଲାର ସମସ୍ତ ପଞ୍ଜିକୃତ ଅଲଟ୍ରା ସାଉଣ୍ଡ କେନ୍ଦ୍ର ସ୍ୱତ୍ତ୍ୱାଧିକାରୀ ପ୍ରମୁଖ ଅନ୍ୟୁନ ୨ ଟି ଲେଖାଏଁ ପ୍ରାଚୀର ବିଜ୍ଞାପନ ପ୍ରଦାନକୁ ସୁନିଶ୍ଚିତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା ।

ପ୍ରାରମ୍ଭରେ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟନାରାୟଣ ପାଢ଼ୀ ସ୍ୱାଗତ ଭାଷଣ ଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏଲଏ ଆଇଏସ ଶୋଭନା ଦାଶ ଗତ ବୈଠକର ନିଷ୍ପତି ର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧରେ ଏଡିପିସିଏଚ ଡ଼ାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଡି.ପି.ଏଚ ଓ ଡ଼ାକ୍ତର ଦୁର୍ଗାଦେ ଦାଶ, ଡିପିଏଚ ଓ ମନୋଜ କୁମାର ଅଦାବର,ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼ାକ୍ତର ପ୍ରକାଶ କୁମାର ଦଣ୍ଡସେନା, ଡାକ୍ତର ଦିଲୀପ କୁମାର ପୁରୋହିତ, ଡାକ୍ତର ପଦ୍ମହଂସା ଦୋରା ସାମ୍ବାଦିକ ସ୍ୱାଧୀନ କୁମାର ମେହେର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ସରକାରୀ ଓକିଲ ଅଟଳ ବିହାରୀ ମହାପାତ୍ର, ଡିଏସଡବ୍ଲୁ ଓ ଅନିତା ଗୁରୁ,ଆଇନ ପରାମର୍ଶ ଦାତା ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ କେଶବ ଚନ୍ଦ୍ର ମେହେର, ଡିପିଏମ ବିଶ୍ୱମ୍ବର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ମଣ୍ଡଳ ରେଳ ବ୍ୟବହାରକାରୀ ପରାମର୍ଶଦାତା କମିଟି ବୈଠକ

ସମ୍ବଲପୁର : ସମ୍ବଲପୁରରେ ମଣ୍ଡଳ ରେଳ ବ୍ୟବହାକାରୀ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ରେଳ ପ୍ରବନ୍ଧକ ଭିନିତ୍ ସିଂ ଅଧକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ । ଏଥିସହ ସମ୍ବଲପୁର ରେଳ ମଣ୍ଡଳରେ ସଂପୂର୍ଣ୍ଣ ହୋଇସାରିଥିବା ବିଭିନ୍ନ ପ୍ରବନ୍ଧ ଓ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟ ବିଷୟରେ ବିସ୍ତାରରେ ବର୍ଣ୍ଣନା କରିଥିଲେ । ବୈଠକରେ ମଣ୍ଡଳ ରେଳ ବ୍ୟବହାକାରୀ ପରାମର୍ଶଦାତା କମିଟିର ସଦସ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା, ଭୋଜନାଥ ଦେବାଙ୍ଗନ, ମନୋରଞ୍ଜନ ସାହୁ, ଡ଼.ବିଶ୍ୱନାଥ ପାଣିଗ୍ରାହୀ, ନିଶାନ୍ତ କୁମାର ଦୀକ୍ଷିତ୍, ଅରୁଣ କୁମାର ମୁଖର୍ଜୀ, ସୋମନାଥ ଅଗ୍ରୱାଲ, ରାଜେଶ କୁମାର ଅଗ୍ରୱାଲ ପ୍ରମୁଖ ଅଂଶ ଗ୍ରହଣ କରି ସମ୍ବଲପୁର ରେଳମଣ୍ଡଳର ବିଭିନ୍ନ ସମସ୍ୟା ତଥା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ।

# ଏନ୍‌ଜିଟିରେ ହେବ ବେଦାନ୍ତର ପରିବେଶ ମଞ୍ଜୁର ଶୁଣାଣୀ

ଝାରସୁଗୁଡ଼ା : ବେଦାନ୍ତ ଆଲୁମିନିୟମ କମ୍ପାନିର ସ୍ମେଲଟର କ୍ଷମତା ୧୬ ଲକ୍ଷ ଟନ୍‌ରୁ ୧୮ ଲକ୍ଷ ଟନକୁ ବୃଦ୍ଧି କରାଯିବା ଘଟଣାରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଦେଇଥିବା ପରିବେଶ ମଞ୍ଜୁରୀକୁ ବିରୋଧ କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ଦାୟର ହୋଇଥିବା ପିଟିସନ୍‌ର ଶୁଣାଣି କରିବାକୁ ଟ୍ରିବ୍ୟୁନାଲ ମନା କରି ଦେଇଥିବା ଘଟଣାରେ ସୁପ୍ରିମକୋର୍ଟ ଗ୍ରୀନ୍ ଟ୍ରିବ୍ୟୁନାଲ ଏହାର ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୫ ତାରିଖରେ ଏନଜିଟିରେ ଉଭୟ ପକ୍ଷଙ୍କୁ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।



ପରିବେଶ ମଞ୍ଜୁରୀର ୫୯ ଦିନ ପରେ ଝାରସୁଗୁଡ଼ାର ପରିବେଶ କର୍ମୀ ସତ୍ୟ ନାରାୟଣ ରାଓ ଏହାକୁ ବିରୋଧ କରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ଅବଧି ଦୃଷ୍ଟିରୁ ଏନଜିଟି ମାମଲାର ଶୁଣାଣି କରିବାକୁ ଗ୍ରୀନ୍ ଟ୍ରିବ୍ୟୁନାଲ ମନା କରିଦେଇଥିଲେ । ଏହାକୁ ଚ୍ୟାଲେଞ୍ଜ କରି ଶ୍ରୀ ରାଓ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୧୮ ତାରିଖରେ ସୁପ୍ରିମକୋର୍ଟରେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ଏସଭିଏନ୍ ଭଟ୍ଟି ଏହି ମାମଲାର ବିଚାର କରି ଏନଜିଟିରେ ମାମଲାର ଶୁଣାଣି କରିବାକୁ ଅନୁମତି ଦେଇଛନ୍ତି । ତେବେ ମାମଲାର ଯୋଗ୍ୟତା ଦିଗରେ କୋର୍ଟ କୌଣସି ମତ ଦେଇ ନ ଥିବା ନେଇ ବି ଏଥିରେ ଉଲ୍ଲେଖ କରାଯାଇଛି । ସ୍ମେଲଟରର ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ଏହା ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବା, ଫ୍ଲାଏ ଆସ୍ ପରିଚାଳନା ଆଦି ସମ୍ପର୍କରେ ଆବେଦନକାରୀ ଏନଜିଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏନଜିଟି ଆଇନ୍ ୨୦୧୦ ଅନୁସାରେ ପରିବେଶ ମଞ୍ଜୁରୀର ୩୦ ଦିନ ମଧ୍ୟରେ ଅପିଲ୍ କରାଯାଇ ପାରିବ । ଯଦି ପର୍ଯ୍ୟାପ୍ତ କାରଣ ରହିଥିବ ତେବେ ଏନଜିଟି ଏହି ଅପିଲ୍ ଆବେଦନକୁ ୬୦ ଦିନ ଯାଏ ବୃଦ୍ଧି କରିପାରିବେ ବୋଲି ନିୟମ ରହିଛି । ଏହି ମାମଲାରେ ଆବେଦନକାରୀଙ୍କୁ ତଥ୍ୟ ଯୋଗାଡ଼ରେ ସମୟ ଲାଗିଥିବା ନେଇ ସେ ସୁପ୍ରିମକୋର୍ଟରେ ଦର୍ଶାଇବା ପରେ କୋର୍ଟ ମାମଲାର ଶୁଣାଣି କରିବାକୁ ଅନୁମତି ଦେଇଛନ୍ତି ।

# ମୋଦୀଙ୍କୁ ଗ୍ରୀସ୍‌ର 'ଗ୍ରାଣ୍ଡ କ୍ରସ୍ ଅଫ୍ ଦ ଅର୍ଡର ଅଫ୍ ଅନର' ସମ୍ମାନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁନର୍ବାର ବିଦେଶ ମାଟିରେ ଭାରତର ସମ୍ମାନକୁ ଉଚ୍ଚାସୀନ କରିଛନ୍ତି । ଗ୍ରୀସ ରାଷ୍ଟ୍ରପତି କାଟେରିନା ଏନ ସାକେଲାରୋପୋଉଲୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ଦ ଗ୍ରାଣ୍ଡ କ୍ରସ ଅଫ୍ ଦ ଅର୍ଡର ଅଫ ଅନର' ସମ୍ମାନରେ ସମ୍ମାନିତ କରିଛନ୍ତି । ଦ ଅର୍ଡର ଅଫ୍ ଅନର ସମ୍ମାନ ୧୯୭୫ ମସିହାରେ



ସ୍ଥାପିତ ହୋଇଥିଲା । ଏହି ସମ୍ମାନ ପାଇଁ ଦିଆଯାଉଥିବା ଫଳକରେ ତାରାର ସମ୍ମୁଖ ପାର୍ଶ୍ୱରେ ଦେବୀ ଏଥେନାଙ୍କ ମୁଣ୍ଡର ଚିହ୍ନ ରହିଛି । ଫଳକରେ 'କେବଳ ସୁପୁରୁଷମାନଙ୍କୁ ଏହି ସମ୍ମାନ ଦିଆଯିବା ଉଚିତ' ଲେଖା ଖୋଦେଇ କରାଯାଇଛି । ଗ୍ରାଣ୍ଡ କ୍ରସ୍ ଅଫ୍ ଦି ଅର୍ଡର ଅଫ ଅନର ଗ୍ରୀସର ରାଷ୍ଟ୍ରପତି ଅନ୍ୟ ଦେଶର ପ୍ରଧାନମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରିଥାନ୍ତି । ଯେଉଁମାନେକି ସେମାନଙ୍କର ଉଲ୍ଲେଖନୀୟ ପଦ କାରଣରୁ ଗ୍ରୀସର ମର୍ଯ୍ୟାଦା ବୃଦ୍ଧି କରିବାରେ ସହାୟକ ହୋଇଥାନ୍ତି ।

# ଧନୁପାଲି ଥାନା ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର: ଧନୁପାଲି ଥାନା ପକ୍ଷରୁ ସ୍ଥାନୀୟ ପେନସନ ପଡ଼ା କଲ୍ୟାଣ ମଣ୍ଡପଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଶିବିରକୁ ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଅବିନାଶ କେରକେଟା ଉଦ୍‌ଘାଟନ କରିଥିଲେ । ଥାନାଧିକାରୀ ରଞ୍ଜନ କୁମାର ବିଶ୍ୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ସମୁଦାୟ ୨୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।



ଓଡ଼ିଶା ରକ୍ତ ଭଣ୍ଡାର ସମ୍ବଲପୁର ୭୦ ୟୁନିଟ ରକ୍ତ ସଂଗ୍ରହ କରିଥିବା ବେଳେ ବୁର୍ଲା ରକ୍ତଭଣ୍ଡାର ଦ୍ୱାରା ୧୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାରର ଡାକ୍ତର କଳ୍ପେଶ କକ୍କଡ, ସନ୍ତୋଷ ଗୌଡ, କର୍ମଦେବ ପଟେଲ, ତାପସ ନାୟକ ଏବଂ ବୁର୍ଲା ରକ୍ତ ଭଣ୍ଡାରର ଡାକ୍ତର ଅବିନାଶ ଦାଶ, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଓ ଅନ୍ୟ କର୍ମଚାରୀ ମାନେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏସଆଇ ଟି. ବି. ଖଡୁଆ, ସୁରେନ୍ଦ୍ର ପ୍ରଧାନ, ଧର୍ମେନ୍ଦ୍ର ଭୋଇ, ଇନ୍ଦ୍ରଦେବ ଓରାମ, ଶୁଭସ୍ମିତା ରାୟ ସୁଶାନ୍ତ ତାଣ୍ଡିଆ, ପ୍ରମୋଦ ନାୟକ, ସତ୍ୟ ନାରାୟଣ ଦେହୁରୀ, ସୁଶୀଲ ସାହୁ, ତୁଷାର ସାହୁ, ଅରୁଣ ମାଝୀ, ପ୍ରଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ । ରକ୍ତଦାନ ଶିବିରକୁ ହାବିଲଦାର ରାମଦାସ ପଣ୍ଡା ସଂଯୋଜନା କରିଥିଲେ ।

# ଶୋଭାରାମ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ

ସମ୍ବଲପୁର : ବିଜେଡି ନେତା ଶୋଭାରାମ ପଧାନ ସମ୍ବଲପୁର ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ପ୍ରଧାନ ୧୯୯୭ ମସିହାରୁ ୨୦୦୨ ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଦସ୍ୟ ଓ ୨୦୦୭ରୁ ୨୦୧୨ ମସିହା ପର୍ଯ୍ୟନ୍ତ ଜିଲ୍ଲା ପରିଷଦର ଅଧକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି । ଏଥିସହ ସେ ୨୦୦୪ ଓ ୨୦୧୯ ମସିହାରେ କୁଚିଣ୍ଡା ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ରୂପେ ନିର୍ବାଚନ ଲଢି ପରାଜିତ ହୋଇଥିଲେ । ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଶ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଓ ଶୁଭ କାମନା ଜଣାଇଛନ୍ତି ।



# ଭିସୁଟ୍‌ରେ ଗଣିତ, ଗଣନା ଧାରା କର୍ମଶାଳା

ବୁର୍ଲା : ସ୍ଥାନୀୟ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଗଣିତ ବିଭାଗ, କମ୍ପ୍ୟୁଟର୍ ବିଜ୍ଞାନ ବିଭାଗ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମିଳିତ ଉଦ୍ୟମରେ ଆନ୍ତର୍ଜାତିକ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ହୋଇଥିଲା । ଭିସୁଟ୍ କୁଳପତି ଡକ୍ଟର ବଂଶୀଧର ମାଝି କର୍ମଶାଳାର ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିନ ଆଇଆଇଟି ଡିଏମ୍ ଜବଲପୁରର ପ୍ରଫେସର ଅପରାଜିତା ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ବକ୍ତା ଭାବେ ଏନ୍‌ଆଇଟି ରାଉରକେଲାରୁ ପ୍ରଫେସର ପଙ୍କଜ ସାହୁ ଯୋଗ ଦେଇଥିଲେ । ଦ୍ୱିତୀୟ ଦିନ ଏନ୍‌ଆଇଟି ରାଉରକେଲାର ପ୍ରଫେସର ଶିବରାମ ପାଣିଗ୍ରାହୀ, ଆଇଆଇଟି କାନପୁରର ପ୍ରଫେସର ପରାସର ମହାନ୍ତି ଏବଂ ଆଇଏସ୍‌ଆଇ କଲିକତାର ପ୍ରଫେସର ବିଶ୍ୱରଞ୍ଜନ ବେହେରା ଯୋଗ ଦେଇଥିଲେ । ତୃତୀୟ ଦିନ ଭିସୁଟ୍ ପ୍ରଫେସର ସିଦ୍ଧାର୍ଥ ପଣ୍ଡା, ପ୍ରଫେସର ପ୍ରକାଶ ହୋତା, ପ୍ରଫେସର ଜ୍ଞାନରଞ୍ଜନ ବିଶ୍ୱାଳ କର୍ମଶାଳାର ମହତ୍ୱ ଉପରେ ଆଲୋଚନା କରିଥିଲେ । ଚତୁର୍ଥ ଦିନ ଆଲ୍‌ବର୍ଟ ବିଶ୍ୱ-ବିଦ୍ୟାଳୟ କାନାଡାର ପ୍ରଫେସର ବିନ୍ ହାନ୍ ଏବଂ ଆଇଆଇଟି ମାଡ୍ରାସର ପ୍ରଫେସର ଏକେ ଦେବବ୍ରତ ଚାନ୍ଦ ପ୍ରମୁଖ ଅନ୍‌ଲାଇନ ମାଧମରେ କର୍ମଶାଳାରେ ଯୋଗ ଦେଇଥିଲେ । ଗଣିତ ଏବଂ ଗଣନାରେ ଶିକ୍ଷା ଓ ଅନୁସନ୍ଧାନ ତାଲି କୁ ପ୍ରୋତ୍ସାହିତ କରିବା ଏବଂ ଲକ୍ଷ୍ୟ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପାନୁଷ୍ଠାନ ମଧ୍ୟରେ ଜ୍ଞାନ ବିନିମୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କର୍ମଶାଳାରେ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।



# ସମାଜସେବୀ ସୁରଞ୍ଜନ ମହାପାତ୍ରଙ୍କ ପରଲୋକ

ସମ୍ବଲପୁର: ସମାଜସେବୀ ସୁରଞ୍ଜନ ମହାପାତ୍ରଙ୍କ ୭୨ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ଓଡ଼ିଶା ସାଂସ୍କୃତିକ ସମାଜ, ଚକ୍ଷୁଦାନ ସଂସ୍ଥା 'ଜ୍ୟୋତି',



ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସଂଘ ଓ ହୀରାଖଣ୍ଡ ନାଗରିକ ପରିଷଦର ସକ୍ରିୟ ସଦସ୍ୟ ଥିଲେ । ଧମା ମା' ଝାଡ଼େଶ୍ୱରୀ ମହାବିଦ୍ୟାଳୟ, ଠେମରା ଉଚ୍ଚ ବିଦ୍ୟାଳୟ ଓ ଆଶାପାଲି ବିଦ୍ୟାଳୟର ସେ ପୂର୍ବତନ ସଭାପତି ଥିଲେ । ସେ ସମ୍ବଲପୁର ଜିଲା କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଏବଂ ଟାଉନ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ତୁଲାଇଥିଲେ । ଜିଲା ଚର୍ଚ୍ଚ ୟୁନିଅନର ପରାମର୍ଶଦାତା ଓ ସମ୍ବଲପୁର ଖ୍ରୀଷ୍ଟିଆନ ଫୋରମର ସଂଯୋଜକ ଥିଲେ । ଏହାସହ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚର ଡେକନ ଭାବରେ କାର୍ଯ୍ୟ କରୁଥିଲେ । ସମ୍ବଲପୁରର ସର୍ବପୁରାତନ ମୁଦ୍ରଣ ସଂସ୍ଥା ସତ୍ୟବ୍ରତ ପ୍ରିଣ୍ଟିଂ ପ୍ରେସ୍‌ର ସେ ମାଲିକ ଥିଲେ । ସମାଜସେବା ପାଇଁ ତାଙ୍କୁ ଲଣ୍ଡନଠାରେ ଗ୍ଲୋରୀ ଅଫ୍ ଇଣ୍ଡିଆ ପୁରସ୍କାର, ଥାଇଲାଣ୍ଡରେ ଇଣ୍ଟରନେସନାଲ ଷ୍ଟାଟସ୍ ପୁରସ୍କାର, ନେପାଳରେ ଇଣ୍ଟରନେସନାଲ ଷ୍ଟାଟସ ପୁରସ୍କାର ଏବଂ ଦେଶରେ ଭାରତ ଜ୍ୟୋତି ପୁରସ୍କାର, ମଦର ଟେରେସା ପୁରସ୍କାର, ଭାରତର ଶ୍ରେଷ୍ଠ ନାଗରିକ ପୁରସ୍କାର ଆଦିରେ ସମ୍ମାନିତ କରାଯାଇଥିଲା । ମୃତ୍ୟୁ ଶଯ୍ୟାରେ ତାଙ୍କ ପତ୍ନୀ ଆରତୀ, ପୁଅ ସ୍ମୃତିରଞ୍ଜନ, ବୋହୂ ନିହାରିକା, ଝିଅ ସ୍ମୃତିପ୍ରଭା ଏବଂ ଦୁଇ ନାତୁଣୀ ପ୍ରୀତିକା ଓ ରୀତିକା ଉପସ୍ଥିତ ଥିଲେ ।

# ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ 'ଲୋକକଳା ମହୋତ୍ସବ'ର ଝଲକ୍















Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra